## ୪ ମଦ ବେପାରୀ ଗିରଫ

ରୂପସା,(ବାଞ୍ଛାନିଧି ଦେ)-ବାଲେଶ୍ୱର ଜିଲା ରୂପସା ଥାନା ଅଞ୍ଚଳରେ ପୋଲିସ ଚଢ଼ାଉ କରି ଜଣେ ମହିଳାଙ୍କ ସମେତ ୪ ଜଣ ମଦ ବେପାରୀଙ୍କୁ ମଙ୍ଗଳବାର ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବରହମପୁର ଗ୍ରାମର ମମତା ଜେନା, ତଳ ବରହମପୁର ଗ୍ରାମର ଅଖିଳ ବେହେରା, ହୀରାପୁର ଗ୍ରାମର ଯୋଗେଶ ପ୍ରଧାନ ଓ ଆଘିରିଆ ଗ୍ରାମର ସଦାଶିବ ଦାସ। ଅଭିଯୁକ୍ତଙ୍କ ବିରୋଧରେ ମାମଲା (ନଂ ୭୫/୨୩, ୭୬/୨୩, ୭୭/୨୩ ଓ ୭୮/୨୩) ରୁଜୁ ହୋଇ କୋର୍ଟଚାଲାଣ କରାଯାଇଛି।

## ସଂକ୍ଷେପରେ

### ବୈଷୟିକ ସିଲେଇ ତାଲିମ କେନ୍ଦ୍ର ଉଦ୍‌ଘାଟିତ

ରାଇବଣିଆ, ୩।୮(ନବୀନ ସାହୁ)- ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଅଧୀନ ବରଡ଼ିହା ପଞ୍ଚାୟତର ଶାଳବାଣି ଗ୍ରାମରେ ବୁଧବାର ହେମନ୍ତ ସାହୁଙ୍କ ବାସଭବନରେ ଶିବମ ସଂସ୍ଥା ତରଫରୁ ବୈଷୟିକ ତାଲିମକେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଏହା ୮୦ ଦିନ ଧରି ଚାଲିବ। ୩ଟି ପଞ୍ଚାୟତ ଯଥା ଶ୍ରୀରାମପୁର, ବରଡ଼ିହା ଏବଂ ଚମାର୍ ଗାଁ ପଞ୍ଚାୟତ ଏସ୍‌ଏଚ୍‌ଜି ମା'ମାନଙ୍କୁ ନେଇ ଚାଲିବ। ୧୦ଟି ଏସ୍‌ଏଚ୍‌ଜି ମା'ମାନେ ଉପସ୍ଥିତ ଥିଲେ। ଏଠାରେ ପ୍ରଥମେ ସିଲେଇ ତାଲିମ ପ୍ରଶିକ୍ଷଣକୁ ନେଇ ଚାଲିବ। ବିଡିଓ ପୁନମ ରାଉତ ତାଲିମ କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ବ୍ଲକ ମିଶନ ଶକ୍ତିର କର୍ମୀ ମଧୁସ୍ମିତା ଦାଶ, ଲୋପାମୁଦ୍ରା ପରିଡ଼ା, ଜଳେଶ୍ୱର ବ୍ଲକର ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରିଣୀ ଶୈଳେନ୍ଦ୍ରୀ ଗୁପ୍ତା ଏବଂ ଶିବମ ସଂସ୍ଥା ସଭାପତି ଆନନ୍ଦ ଶଙ୍କର ସାନକି ଏବଂ ସମ୍ପାଦକ ଶିବଶଙ୍କର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ୬୦ଜଣ ଏସ୍‌ଏଚ୍‌ଜି ମହିଳା ଉପସ୍ଥିତ ଥିଲେ।

### ନବ ନିଯୁକ୍ତ କୋ-ଅର୍ଡିନେଟରଙ୍କୁ ସ୍ୱାଗତ

ବାରିପଦା,୩।୮(ନୀଳାଦ୍ରି ବିହାରୀ ଦଣ୍ଡପାଟ)- ଅଖିଳ ଭାରତୀୟ କଂଗ୍ରେସ କମିଟି (ଆଦିବାସୀ ଶାଖା) ନିଷ୍ପତ୍ତି ଅନୁଯାୟୀ ମୟୂରଭଞ୍ଜ ଜିଲାରେ ଲିଡରସିପ୍ ଡେଭଲପ୍‌ମେଣ୍ଟ ମିଶନ କୋ-ଅର୍ଡିନେଟର (ଏଲ୍‌ଡିଏମ୍) ନିଯୁକ୍ତ କରାଯାଇଛି। ଆଗାମୀ ନିର୍ବାଚନକୁ ଆଖି ଆଗରେ ରଖି ଆଦିବାସୀ ସଂରକ୍ଷିତ ଆସନରେ ଏହି ନିଯୁକ୍ତି ଦିଆଯାଇଛି। ସେମାନେ ହେଲେ ଯଶିପୁର ନବୀନ କୁମାର ବାରିକ, ସାରସକଣା ନାରାୟଣ ମହାପାତ୍ର, ରାଇରଙ୍ଗପୁର ସେକ ଇନ୍‌ତକାମ, ବାଙ୍ଗିରିପୋଷି ହରିଶଙ୍କର ଦାସ, କରଞ୍ଜିଆ ଜାକିର ହୁସେନ, ଉଦଳା ନାରାୟଣ ପଟ୍ଟନାୟକ, ବାରିପଦା ଶିବାନନ୍ଦ ଦାସ। ନବ ନିଯୁକ୍ତ ଏହି କୋ-ଅର୍ଡିନେଟରମାନେ ରାଜ୍ୟ ସଭାପତି ଶରତ ପଟ୍ଟନାୟକ, ରାଜ୍ୟ ସଂଯୋଜକ ବାଙ୍କନିଧି ବେହେରା, ଜିଲା ସଭାପତି ହେମନ୍ତ ଦାସଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଆଗାମୀ ଦିନରେ ମୟୂରଭଞ୍ଜ କଂଗ୍ରେସ ଦଳକୁ ମଜଭୁତ କରିବା ପାଇଁ ଏହି ନିଯୁକ୍ତି ଦିଆଯାଇଛି ବୋଲି ଜିଲା ସଭାପତି ଦାସ ଜଣାଇଛନ୍ତି। ବାରିପଦା ନଗର କଂଗ୍ରେସ ସଭାପତି ଶାନ୍ତନୁ ପାଲ ସମସ୍ତ ନବ ନିଯୁକ୍ତ ଏଲ୍‌ଡିଏମ୍‌ମାନଙ୍କୁ ସ୍ୱାଗତ କରିଛନ୍ତି।

### ମହିଳାଙ୍କ ଆତ୍ମହତ୍ୟା

ପାଟଣା,୩।୮(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ମିରିଗିଖୋଜି ପଞ୍ଚାୟତ ଅସଣନବାହାଳି ଗ୍ରାମର ଭୁମିଜ ସାହିରେ ଜଣେ ମହିଳା ଫାଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତକ ଜଗନ୍ନାଥ ମୁଣ୍ଡାଙ୍କ ସ୍ତ୍ରୀ ଗୀତା ମୁଣ୍ଡା(୩୭)। ଗୁରୁବାର ରାତିରେ ଘର ନିକଟ କାଜୁ ବଗିଚାରେ ଏକ ଟେଷ୍ଟ ବନ୍ଧା କପଡ଼ାରେ ଫାଶୀ ଲଗାଇଛନ୍ତି।

# ଦେଢ଼ ଲକ୍ଷ ଲୋକ ପ୍ରଭାବିତ

## ୨୫ପଞ୍ଚାୟତର ବହୁ ଗାଁ ଜଳମଗ୍ନ

ଧାମନଗର,୩।୮(ଦେବେନ୍ଦ୍ର ଆଢିଆ)

ଧାମନଗରଠାରେ ବୈତରଣୀ ଓ ତାର ଶାଖା କୋଚିଲା, ଗେଙ୍ଗୁଟି ନଦୀରେ ଚଳିତ ବର୍ଷ ପ୍ରଥମ ବନ୍ୟା ଆସି ୨୬ ପଞ୍ଚାୟତ ଅନ୍ତର୍ଗତ ୧୦୮ ରାଜସ୍ୱ ଗ୍ରାମର ପାଖାପାଖି ଦେଢ଼ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି। ବୁଧବାର ସନ୍ଧ୍ୟାରେ ବୈତରଣୀ ନଦୀର ଗୌରାଙ୍ଗପୁର ଏବଂ ମଲ୍ଲିମାହାରା ଏସକେପ, ଗେଙ୍ଗୁଟି ନଦୀର କନକେଇ,ଗାଇଛନ୍ଦା ଏବଂ ମଠ ମାହାରା ଏସ୍‌କେପରୁ ବନ୍ୟାଜଳ ପ୍ରବାହିତ ହୋଇ ବହୁ ଗ୍ରାମ,ରାସ୍ତା ଘାଟ,ଚାଷ ଜମି ଜଳାର୍ଣ୍ଣବ ହୋଇଛି।

ମିଳିଥିବା ସୂଚନା ଅନୁସାରେ ବୈତରଣୀ ନଦୀର ବନ୍ୟାଜଳ ଆଖୁଆପଦାଠାରେ ବିପଦ ସଙ୍କେତ ୧୭ .୮୩ ମିଟର ରହିଥିବା ବେଳେ ଏହା ବୁଧବାର ବିଳମ୍ବିତ ରାତି ପର୍ଯ୍ୟନ୍ତ ବଢ଼ି ୧୯.୮୯ ମିଟରରେ ପହଞ୍ଚିଥିଲା । ଗୁରୁବାର ସକାଳେ ବୈତରଣୀ ନଦୀରେ ବନ୍ୟାଜଳ ହ୍ରାସ ପାଇ ଅପରାହ୍ନ ୬ଟା ସୁଦ୍ଧା ୧୯. ୩୮ ମିଟର ଅର୍ଥା୍ ବିପଦ ସଂକେତର ବହୁ ଊର୍ଦ୍ଧ୍ୱରେ ପ୍ରବାହିତ ହେଉଛି।


ଧାମନଗର -ଦୋବଲ ରାସ୍ତାରେ ବନ୍ୟା ପାଣି।

ଧାମନଗର ବ୍ଲକର ଆନନ୍ଦପୁର ପଞ୍ଚାୟତ ସମେତ ଖଡ଼ିପଦା,କରଦା, ସୋହଡା, ପଧାନି,ଅର୍ଜ୍ଜୁନପୁର, ଭଟସାହି, ଦଳାଙ୍ଗ, ହସନାବାଦ, ଦୋବଲ, ମୁସ୍ତଫାପୁର, ଧୁଷୁରୀ,ବମକୁରା,ସାହାସପୁର, କୋଠାର, ନଦୀଗାଁ, ବୟାଳଡିହ, ଅସୁରାଳି ଏବଂଗଡିଆଳି ପଞ୍ଚାୟତର ବିଭିନ୍ନ ଗ୍ରାମଗୁଡିକ ବନ୍ୟା ଘେରରେ ରହିଛ। ପଧାନି ପଞ୍ଚାୟତର କଇଥାଡିହ ,ଖଡିପଦା ପଞ୍ଚାୟତର କାଞ୍ଜିଆ ପାଳ,ହସନାବାଦ ପଞ୍ଚାୟତର ହସନାବାଦ ଗ୍ରାମ ବନ୍ୟାରେ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଛି। ଏ ସମସ୍ତ ଗ୍ରାମର ପ୍ରାୟ ୪୫୦ରୁ ଅଧିକ ପରିବାର ଦୁଇଦିନ ହେବ ଜଳବନ୍ଦୀ ହୋଇ ଦୁର୍ଦ୍ଦଶାରେ ଦିନ କାଟୁଛନ୍ତି। ବନ୍ୟାରେ ଭଦ୍ରକ ଆରଡି ମୁଖ୍ୟରାସ୍ତାର ଅସୁରାଳି, କୋଠାର, ପାୟାସାହି, ସୂର୍ଯ୍ୟପୁର, ଧୁଷୁରୀ ସ୍ଥାନ ମାନଙ୍କରେ ରାସ୍ତା ବୁଡି ପ୍ରାୟ ୪ଫୁଟ ଉଚ୍ଚରେ ବନ୍ୟା ସ୍ରୋତ ଚାଲୁଥିବାରୁ ଯାତାୟାତ ବିଚ୍ଛିନ୍ନ ହୋଇଛି। ବନ୍ୟାରେ ଧାମନଗର -ଦୋବଲ, ଦୋବଲ-କ୍ଷେଣ୍ଡପୁର, ଖଡ଼ିପଦା-ଆନନ୍ଦପୁର, ସୋହଡା-ପଧାନି, ସୁଜାଣସିଂପୁର-କରଦା,ହାସନାବାଦ-ଧୁଷୁରୀ, ଅନଳଡିହ-ଅସ୍ତକ, ଧାମନଗର-ଫଳପୁର, ଫଳପୁର-ରତ୍ନା ଫଳପୁର, ଅର୍ଜ୍ଜୁନପୁର-ବାଲିପାଟଣା, ଭଗତପୁର-ପଧାନି, ପତ୍ରିସାହି-ଶ୍ରୀରାମପୁର, ଅନ୍ନପୂର୍ଣ୍ଣା -ଦିନାଜପୁର, ପଚ୍ଛାଲୋ-ଖୋପସାହି, ଧୁଷୁରୀ -ନଦୀଗାଁ, ଧୁଷୁରୀ-ଖଡିମାହାରା, ଧୁଷୁରୀ ବମକୁରା ରାସ୍ତା ସମେତ ସମସ୍ତ ଗ୍ରାମ୍ୟ ରାସ୍ତା ଗୁଡିକ ବୁଡି ବନ୍ୟା ସ୍ରୋତ ଚାଲୁଛି। ଦୋବଲ ବଜାର ନିକଟରେ ଥିବା ଗେଙ୍ଗୁଟି ନଦୀର ପକା ପୋଲ ଉପରେ ଅଢ଼େଇ ଫୁଟ ଉଚ୍ଚରେ ବନ୍ୟା ପାଣି ଚାଲୁଛି। ଅନ୍ୟପକ୍ଷରେ ରେବ ଏବଂ କପାଳି ନଦୀରେ ଆସିଥିବା ବନ୍ୟାରେ କଟ ସାହି, ଖପରପଦା,କାଶିମପୁର, ଫତେପୁର ପଞ୍ଚାୟତର ଚାଷ ଜମି ବୁଡି ଜଳମଗ୍ନ ହୋଇଛି।

# ଖଇରାରେ ବାରମ୍ବାର ବନ୍ୟା

## ପ୍ରତିବାଦର ସ୍ୱର ଉଠାଇଲେ ବ୍ୟବସାୟୀ ଗୋଷ୍ଠୀ, ଅଞ୍ଚଳବାସୀ



ଖବରଦାତା ସମ୍ମିଳନୀରେ ଉପସ୍ଥିତ ବ୍ୟବସାୟୀ ଓ ଅଞ୍ଚଳବାସୀ।

ଖଇରା, ୩।୮(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଅଧୀନ ଖଇରା ବ୍ଲକରେ ସାମାନ୍ୟ ବର୍ଷାରେ ବନ୍ୟା ସୃଷ୍ଟି ହେବା ଏକ ନିୟମିତ ଘଟଣା ପାଲଟିଛି। ପ୍ରତିବର୍ଷ ଏଭଳି ମନୁଷ୍ୟକୃତ ବନ୍ୟାରେ ଖଇରାର ୮୦ଭାଗ ବ୍ୟବସାୟୀଙ୍କ କୋଟି କୋଟି ଟଙ୍କାର ସମ୍ପତ୍ତି ନଷ୍ଟ ହେଉଛି। ପ୍ରତି ବନ୍ୟା ସମୟରେ ପ୍ରଶାସନିକ ଅଧିକାରୀ, ଶାସକ ଦଳର ନେତୃବୃନ୍ଦ ବ୍ୟବସାୟୀ ଓ ବଜାର ସଂଲଗ୍ନ ଗ୍ରାମଗୁଡିକର ଅଧିବାସୀଙ୍କୁ ଭେଟି ପ୍ରତିକାରର ଦୃଢ ପ୍ରତିଶ୍ରୁତି ଦେଇ ଚାଲିଯାଉଛନ୍ତି। ବ୍ୟବସାୟୀମାନେ ଏହାକୁ ସାନ୍ତ୍ୱନା ଭାବେ ପୁଞ୍ଜି କରି କ୍ଷତିକୁ ଭୁଲି ନୂଆ କରି ବ୍ୟବସାୟ ଆରମ୍ଭ କରୁଛନ୍ତି। ୨୦୨୧ ମେ'ରେ ୟାସ୍ ବାତ୍ୟାର ଭୟାବହତା ପରେ ସମସ୍ତେ କିଛି ଗୋଟେ ସମାଧାନର ଆଶାବାନ୍ଧି ବସିଥିଲେ। ବୁଧବାର ପୁଣି ଥରେ କୃତ୍ରିମ ବନ୍ୟାର ପ୍ରକୋପ ବ୍ୟବସାୟୀଙ୍କ ମେରୁଦଣ୍ଡ ଦୋହଲାଇ ଦେଇଛି। ପ୍ରତିବାଦର ସ୍ୱର ଶାଣିତ କରିବାକୁ ସମସ୍ତ ବ୍ୟବସାୟୀ, ଅଞ୍ଚଳବାସୀ ଏକତ୍ର ହୋଇ ପ୍ରଶାସନ ଓ ଦାୟିତ୍ୱରେ ଥିବା ନେତୃବୃନ୍ଦଙ୍କ ବିରୋଧରେ ମୁହଁ ଖୋଲିଛନ୍ତି। ଆଗାମୀ ଦିନରେ ଧାରଣା, ଅନଶନ ମାଧ୍ୟମରେ ସମାଧାନ କରିବାକୁ ଗୁରୁବାର ଦୁର୍ଗାମଣ୍ଡପଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଚେତାବନୀ ଦେଇଛନ୍ତି । ଅସମ୍ପୂର୍ଣ୍ଣ ଆମ୍ବହତା କେନାଲ ମୁଖ୍ୟ କାରଣ ଏବଂ ଏହାଛଡା ବଜାରରେ ଡ୍ରେନେଜ ବ୍ୟବସ୍ଥାର ପୁନରୁଦ୍ଧାର ପାଇଁ ଠିକ୍ ମ୍ୟାପ ପ୍ରସ୍ତୁତ କରା ନ ଯିବା ତହସିଲଦାରମାନେ ପାତରଅନ୍ତର ନୀତିରେ ସରକାରୀ ଜମିକୁ ପଟ୍ଟା ପ୍ରଦାନ କରିବା, ଜବରଦଖଲ କରି ରଖାଯାଇଥିବା ସରକାରୀ ନାଳକୁ ମୁକ୍ତ କରା ନ ଯିବା ଭଳି ଅନ୍ୟାନ୍ୟ ଆନୁଷଙ୍ଗିକ କାରଣ ଏହି ବନ୍ୟା ପାଇଁ ଉକ୍ତ ସମ୍ମିଳନୀରେ ଦାୟୀ କରାଯାଇଛି । ଯୁବ ବ୍ୟବସାୟୀ ଅଜୟ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବଣିକ ସଂଘ ସଭାପତି ରବୀନ୍ଦ୍ର ବିଶ୍ୱାଳ, ବ୍ୟବସାୟୀ ଜିତେନ୍ଦ୍ର ରାଉତ, ପ୍ରଦୀପ ନାୟକ, ପ୍ରଶାନ୍ତ ବେହେରା, ଅଦେଶ ଦାସ ପ୍ରମୁଖ ଯୋଗଦେଇଥିଲେ। ବର୍ଷକର ଆୟ ପାଣିରେ ପଡୁଛି । ପୂର୍ବରୁ କୋଟିଆକୋଇଲିରୁ ବଣପାରିଆ ମଧ୍ୟରେ ୭ଟି ପୋଲ ଏବଂ କଲଭର୍ଟ ଥିବା ବେଳେ ଏବେ ମାତ୍ର ଗୋଟିଏ ପୋଲ ଅଛି ତାହାର ସମ୍ମୁଖଭାଗ ମଧ୍ୟ ଅଣଓସାରିଆ ହୋଇଥିବାରୁ ବଜାରକୁ ଆସୁଥିବା ଜଳ ନିଷ୍କାସିତ ହୋଇପାରୁନାହିଁ । ଏହାଛଡା ଅଞ୍ଚଳବାସିନ୍ଦା ଭାବେ ଭାଜପା ମୁଖପାତ୍ର ଠାକୁର ରଞ୍ଜିତ ଦାସ, ଆଇନଜୀବୀ ଉପେନ୍ଦ୍ର ଭୂୟାଁ, ନହଙ୍ଗ ସମିତିସଭ୍ୟ ଅଜିତ ଦାସ ଯୋଗ ଦେଇ କେନ୍ଦ୍ର ସରକାର କୋଟି କୋଟି ଟଙ୍କା ପ୍ରଦାନ କରୁଥିବା ବେଳେ ଅସମ୍ପୂର୍ଣ୍ଣ କେନାଲ ଓ ଅସଜଡା ଡ୍ରେନେଜ ବ୍ୟବସ୍ଥା ପାଇଁ ଜଳସେଚନ, ପୂର୍ତ୍ତ, ଡ୍ରେନେଜ ବିଭାଗ ଓ ଶାସକ ଦଳ ନେତା ମୁଖ୍ୟତଃ ଦାୟୀ ବୋଲି କହିଛନ୍ତି ।

## ଆଶ୍ରୟସ୍ଥଳୀରେ ୩୧ ହଜାରରୁ ଊର୍ଦ୍ଧ୍ୱ ଲୋକ

ଧାମନଗର,୩।୭(ଦେବେନ୍ଦ୍ର ଆଢିଆ)

ଧାମନଗର ବ୍ଲକ ଦେଇ ପ୍ରବାହିତ ବୈତରଣୀ ଓ ଗେଙ୍ଗୁଟି ନଦୀ ବନ୍ୟାରେ ୧ ଲକ୍ଷ ୫୦ ହଜାର ୭୮୨ ଲୋକ ପ୍ରଭାବିତ ହୋଇଛନ୍ତି। ୩୧ ହଜାର ୬୯୫ ଜଣ ତଳିଆ ଅଞ୍ଚଳର ଲୋକଙ୍କୁ ୮୦ଟି ଅସ୍ଥାୟୀ ଓ ୫ ଟି ବାତ୍ୟା ଆଶ୍ରୟସ୍ଥଳୀରେ ରଖାଯାଇ ଶୁଖିଲା ଖାଦ୍ୟ ଦିଆଯାଉଛି। ଖଡ଼ିପଦାଠାରେ ଏନ୍‌ଡିଆରଏଫ୍ ଟିମ୍ ଓ ଧୁସୁରୀଠାରେ ଦମକଳ ବାହିନୀକୁ ଉଦ୍ଧାର କାର୍ଯ୍ୟ ପାଇଁ ମୃତୟନ କରାଯାଇଛି। ଗୁରୁବାର ସନ୍ଧ୍ୟାରେ ଭଦ୍ରକ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବନ୍ଦୋର ବନ୍ୟା ସ୍ଥିତି ବୁଲି ଦେଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପ ଜିଲାପାଳ ମନୋଜ ପାତ୍ର, ଅତିରିକ୍ତ ଜିଲାପାଳ ରାମ ଦାସ ଟୁଡୁ, ବିଡ଼ିଓ ବନବିହାରି ଦିଣ୍ଡା, ଅତିରିକ୍ତ ତହସିଲଦାର ଶାଇ ସିଲୋନା, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଅଶୋକ କୁମାର ନାୟକ ଉପସ୍ଥିତି ଥିଲେ। ଗେଙ୍ଗୁଟି ନଦୀର ଚମ୍ପାବାଗ ଏବଂ ଆନନ୍ଦପୁର ପଞ୍ଚାୟତର ୭ନଂ. ୱାର୍ଡ କୁମ୍ଭାର ସାହିଠାରେ ବନ୍ଧରେ ଘଳିଆ ପଡିଥିବା ବେଳେ ଧାମନଗର ବିଧାୟକ ସୁର୍ଯ୍ୟବଂଶୀ ସୁରଜ ପହଞ୍ଚି ଲୋକଙ୍କ ସହ ଘଳିଆକୁ ବନ୍ଦ କରିଥିଲେ। ବ୍ଲକ ସଦର ମକୁମାରେ ଜିଲାର ବରିଷ୍ଠ ଅଧିକାରୀ ଉପସ୍ଥିତ ରହି ବନ୍ୟା ମୁକାବିଲା ପଦକ୍ଷେପ ଗ୍ରହଣ କରିଥିବା ବେଳେ ଗୁରୁବାର ବିଧାୟକ ସୂର୍ଯ୍ୟବଂଶୀ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଅଶୋକ ନାୟକ, ସାମାଜିକ କର୍ମୀ ଡାକ୍ତର ସଞ୍ଜୟ ଦାସ,ଜିଲା ପରିଷଦ ସଭ୍ୟ ପ୍ରଦୀପ ମଲିକ ପ୍ରମୁଖ ବନ୍ୟାଞ୍ଚଳ ବୁଲି ଲୋକଙ୍କ ସମସ୍ୟା ପଚାରି ବୁଝିଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

balasoreselfie@gmail.com


@ଲିପୁନ୍


@ପ୍ରଶ୍ନ

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

# ବଇଙ୍ଗା ନାଳ ପୋଲ ଉପରେ ୫ଫୁଟ୍‌ର ବନ୍ୟାଜଳ



- ଶୁଆକାଟି-ରାଉରକେଲା ଯୋଗାଯୋଗ ବିଚ୍ଛିନ୍ନ
- ଚାଷଜମିରେ ପାଣି, ଫସିଲା ଟ୍ରକ୍

କେନ୍ଦୁଝର,୩।୮(ନରେଶ ଚନ୍ଦ୍ର ପଟ୍ଟନାୟକ)

ଲଘୁଚାପଜନିତ ଲଗାଣବର୍ଷାରେ କେନ୍ଦୁଝର ଜିଲା ବାଂଶପାଳ ସିଂପୁର ବଇଙ୍ଗା ନାଳ ପୋଲ ଉପରେ ୫ଫୁଟର ବନ୍ୟାଜଳ ପ୍ରବାହିତ ହେଉଛି। ବନ୍ୟାପାଣି ଯୋଗୁ ଶୁଆକାଟି-ରାଉରକେଲା ଓ ଦବୁନା ସମେତ ଅଁରା ରାଇଗୋଡା ଫୁଲଝରକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି।

ଲଘୁଚାପଜନିତ ଲଗାଣ ବର୍ଷାରେ ବେହାଲ ବାଂଶପାଳର ବିଭିନ୍ନ ସ୍ଥାନରେ ପୋଲ ଉପରେ ବନ୍ୟାଜଳ ପ୍ରବାହିତ ହେଉଥିବାରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ଶହ ଶହ ଏକର ଚାଷ ଜମି ପାଣିରେ ବୁଡ଼ି ରହିଛି। ବ୍ଲକ୍‌ର ୨୦ ପଞ୍ଚାୟତର ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ବ୍ଲକ୍‌ର ସିଂପୁର ବଇଙ୍ଗା ନାଳ ପୋଲ ଉପରେ ୫ ଫୁଟର ବନ୍ୟା ଜଳ ପ୍ରବାହିତ ହେଉଥିବାରୁ ଶୁଆକାଟିଠାରୁ ରାଉରକେଲା ଓ ଦବୁନାକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ଗୁରୁବାର ସକାଳୁ ରାସ୍ତାର ଉଭୟ ପାର୍ଶ୍ୱରେ ବହୁ ଗାଡ଼ି ଅଟକି ରହିଛି। ସେହିପରି ଅଁରାବ୍ରାହ୍ମଣୀ ନାଳ ପୋଲ ଉପରେ ୧୦ ଫୁଟ ଉଚ୍ଚର ବନ୍ୟାଜଳ ପ୍ରବାହିତ ହେବା ଯୋଗୁ ରାଇଗୋଡ଼ାଠାରୁ ଅଁରା, ବିନିଦା, କୁସୁମିତା ଆଦି ସ୍ଥାନକୁ ଯୋଗାଯୋଗ ବିଛିନ୍ନ ହୋଇଯାଇଛି। ଅଁରାବ୍ରାହ୍ମଣୀ ନାଳରେ ଏକ ଟ୍ରକ୍ ପାଣିରେ ବୁଡ଼ି ରହିଛି। ନିକଟସ୍ଥ ଶ୍ରୀ ମେଟାଲିକ କାରଖାନାକୁ ଆସୁଥିବା ଶହ ଶହ ଆଇରନ ଟ୍ରକ୍ ରାସ୍ତାର ଉଭୟ ପାର୍ଶ୍ୱରେ ଅଟକି ରହିଛି। ଯାତ୍ରୀବାହୀ ଗାଡ଼ି ମଧ୍ୟ ଅଟକି ରହିଛି। ଦୁଧପଶୀ ଛେଲିଆ ଡେଗାଠାରେ ରାସ୍ତା ଉପରେ ବନ୍ୟାଜଳ ପ୍ରବାହିତ ହେଉଥିବାରୁ ଫୁଲଝର, ଇଟା ପୋଖରୀ ସମେତ ବ୍ଲକ୍‌ର ୨୦ ପଞ୍ଚାୟତ ଲୋକେ ପ୍ରଭାବିତ ହୋଇଛନ୍ତି। ବୈତରଣୀ ନଦୀରେ ଜଳସ୍ତର ବୃଦ୍ଧି ପାଇବା ଯୋଗୁ କେନ୍ଦୁଘଟି, ହଳଡିହି ଆଦି ଗାଁ ଜଳବନ୍ଦୀ ହୋଇ ରହିଛି। ଶହ ଶହ ଏକର ଚାଷଜମି ପାଣିରେ ବୁଡ଼ି ରହିଛି।

# ଗ୍ରାମବାସୀଙ୍କ ସହ ଧାରଣାରେ ଛାତ୍ରୀଛାତ୍ର

## ରାସ୍ତା, ପୋଲ କାମ ଅଧାପନ୍ତରିଆ



ଜଳେଶ୍ୱର, ୩।୮(ରବିନାରାୟଣ ପାତ୍ର)

ଜଳେଶ୍ୱର ବ୍ଲକ ଅଧୀନ ସୁଗୋ ପଞ୍ଚାୟତର ବାଣିଦା ଗ୍ରାମ୍ୟ ମୁଖ୍ୟ ରାସ୍ତା ୬ମାସ ପୂର୍ବରୁ ଆରମ୍ଭ ହୋଇଥିଲେ ମଧ୍ୟ ଅଦ୍ୟାବଧି ତାହା ଅଧାପନ୍ତରିଆ ଭାବେ ପଡିରହିଛି। ଲଗାଣ ବର୍ଷା ଯୋଗୁ ଅସ୍ଥାୟୀ ପୋଲ ଭାଙ୍ଗିଯିବାରୁ ଯାତାୟାତ ଠପ୍ ହୋଇଛି। ଫଳରେ ରୋଗୀ, ସ୍କୁଲ ପିଲା, ଗୃହପାଳିତ ପ୍ରାଣୀ ଏପରିକି ବଜାର ହାଟକୁ ଯାତାୟାତ ବ୍ୟାହତ ହୋଇଛି। ଗୁରୁବାର ପୋଲ କାର୍ଯ୍ୟ କରୁଥିବା ଠିକାଦାର ନିର୍ମାଣରେ ବ୍ୟବହୃତ ସରଞ୍ଜାମ ଅନ୍ୟତ୍ର ନେଉଥିବା ଦେଖି ଗ୍ରାମବାସୀ ସନ୍ଦେହ ପ୍ରକଟ କରିଥିଲେ। ଗ୍ରାମବାସୀ ଓ ଛାତ୍ରୀଛାତ୍ରୀ ଠିକାଦାରଙ୍କୁ ଛାଡି ନ ଦେବା ଲାଗି ଧାରଣାରେ ବସିଥିଲେ । ଆସନ୍ତା ଦିନରେ କାର୍ଯ୍ୟ ଶେଷ କରିବେ ବୋଲି ଠିକାଦାରଙ୍କ ପକ୍ଷରୁ ପ୍ରତିଶ୍ରୁତି ଦେବା ପରେ ସୁଗୋ ଉନ୍ନୟନ କମିଟି ଓ ସୁରକ୍ଷା ମଞ୍ଚ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରାଯାଇଛି। ଏଥିରେ ପଲଟୁ ଦାସ, ତନୁଜ ମହାନ୍ତି, ପ୍ରଦୀପ ମହାନ୍ତି, ବିରେନ୍ଦ୍ର ପଣ୍ଡା, ବାଞ୍ଛାନିଧି ମହାନ୍ତି, ବିମଳ ଦାସ, ଗୌରୀକାନ୍ତ ମହାନ୍ତି, ଜୀବନ ବାରିକ, ଜଗନ୍ନାଥ ବାରିକ, ବିଦ୍ୟାଧର ପାତ୍ର, କୁନା ଟୁଡୁ, ବଂଶୀଧର ମହାନ୍ତି ଓ ଚନ୍ଦ୍ର ମହାନ୍ତି ପ୍ରମୁଖ ଧାରଣାରେ ବସିଥିଲେ।

# ସହର ପ୍ରବେଶ ପଥ ଖାଲଖମାରେ ଭର୍ତ୍ତି

## ୨୦୧୪ରୁ ଲାଗିଥିବା ଲାଇଟ୍ ଜଳିନି

କେନ୍ଦୁଝର,୩।୮(ଦୀପକ ମିଶ୍ର): କେନ୍ଦୁଝରସଦର ବାଲିଆଗୋଡ଼ାରୁ ଧୃପଦା ରାସ୍ତା ଖାଲଖମାରେ ଭର୍ତ୍ତି ହୋଇଛି। ବଡ଼ବିଲ ଆଡୁ ଜାତୀୟ ରାଜପଥ ୨୦ରେ ଆସୁଥିବା ଗାଡ଼ି ସହରକୁ ପ୍ରବେଶ ବେଳେ ରାସ୍ତାରେ ଖାଲଖମା ଅସୁବିଧାରେ ପକାଉଛି। ସହରର ପ୍ରବେଶ ପଥ ହୋଇଥିଲେ ବି ପୂର୍ତ୍ତ ବିଭାଗ ଓ ପୌର ପ୍ରଶାସନ ଏଥିପ୍ରତି ଧ୍ୟାନ ଦେଉନାହିଁ। ଫଳରେ ଅସନ୍ତୋଷ ବୃଦ୍ଧି ପାଉଛି।

କେନ୍ଦୁଝର ସହର ବାଇପାସ୍ ହେବା ପୂର୍ବରୁ ଏହି ରାସ୍ତାଟି ପୂର୍ତ୍ତ ବିଭାଗ ଅଧୀନରେ ଥିଲା। ସେତେବେଳେ ବାଲିଆଗୋଡ଼ାରୁ ଧୃପଦା ପର୍ଯ୍ୟନ୍ତ ରାସ୍ତା ଭଲଥିଲା। ରାସ୍ତା କଡ଼ରେ ପୌରପାଳିକା ଲାଇଟ୍ ପୋଷ୍ଟ ଲଗାଇବା ସହ ମରାମତ କରୁଥିଲା। ମାତ୍ର ବାଇପାସ୍ ହେବା ପରେ ପାଖାପାଖି ୨୦୦ ମିଟର ରାସ୍ତା ମରାମତି ନ ହୋଇ ପଡ଼ିରହିଛି। ଦୁଇ ବିଭାଗର ବିବାଦ ମଧ୍ୟରେ ଛନ୍ଦି ହୋଇ ରାସ୍ତା ଦୟନୀୟ ଅବସ୍ଥାରେ ପଡ଼ିରହିଛି। ଏଥି ଯୋଗୁ ସାଧାରଣ ଜନତା ହଇରାଣ ହେଉଛନ୍ତି। ଚାରି ବର୍ଷ ହେବ ଏହି ରାସ୍ତା ଅବହେଳିତ ହୋଇପଡ଼ିଛି। ପୂର୍ତ୍ତ ବିଭାଗ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ୨୦୧୪ରୁ ଏ ଛକରେ ଗୋଟିଏ ହାଇମାକ୍ସ୍‌ଟ୍ ଲାଇଟ ଲାଗିଛି। ଏଥିପାଇଁ ଟ୍ରାନ୍ସଫର୍ମର ମଧ୍ୟ ଲାଗିଛି। କିନ୍ତୁ ଲାଇଟ୍ ଆଜି ପର୍ଯ୍ୟନ୍ତ ଜଳି ନାହିଁ। ଏଥିପାଇଁ ଅନେକ ଅର୍ଥ ବ୍ୟୟ ହେଲା, ମାତ୍ର ଲୋକେ ଏହାର ସୁବିଧା ଦିନଟିଏ ମଧ୍ୟ ପାଇଲେ ନାହିଁ। ଏବେ ଜାତୀୟ ରାଜପଥ ୨୦ ଏବଂ ଜାତୀୟ ରାଜପଥ ୪୯ ମଧ୍ୟରେ ରହି ଯାଇଥିବା କେନ୍ଦୁଝର ସହର ପ୍ରବେଶ ପଥର ଗୁରୁତ୍ୱପୂର୍ଣ୍ଣ ୨୦୦ ମିଟର ରାସ୍ତାକୁ କିଏ ମରାମତି କରିବ ଜଣାନାହିଁ। ପ୍ରଶାସନର ନାକ ତଳେ ଥିବା ଅବହେଳିତ ବାଲିଆଗୋଡ଼ା-ଧୃପଦା ରାସ୍ତାକୁ ତୁରନ୍ତ ମରାମତି ପାଇଁ ଦାବି ହେଉଛି। ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ବିକ୍ରମ ମୁର୍ମୁ କହିଛନ୍ତି, ରାସ୍ତାର ବ୍ୟୟ ଅଟକଳ କରାଯାଇ ମୁଖ୍ୟଯନ୍ତ୍ରୀଙ୍କୁ ପଠାଯାଇଛି। ଅନୁମୋଦନ ମିଳିଲେ କାର୍ଯ୍ୟ ଆରମ୍ଭ କରାଯିବ।


ବିପର୍ଯ୍ୟସ୍ତ ରାସ୍ତା

# କର୍ମୀଙ୍କ ମୃତଦେହକୁ କାନ୍ଧ ଦେଲେ ବିଧାୟକ


ବିଧାୟକ ଜଗନ୍ନାଥ ନାୟକ ମୃତଦେହ କାନ୍ଧେଇଛନ୍ତି।

ପାଟଣା,୩।୮(ବୀର କିଶୋର ଦାଶ)

ପୁଣି ପାଟଣା ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ଜଗନ୍ନାଥ ନାଏକ ଚର୍ଚ୍ଚାରେ। ଗୁରବାର କେନ୍ଦୁଝର ଜିଲା ପାଟଣା ନିର୍ବାଚନ ମଣ୍ଡଳୀ ଝୁମ୍ପୁରା ବ୍ଲକ୍ ଅସନପାଟ ପଞ୍ଚାୟତ ଚିତ୍ରପୁର ଗାଁର ବିଜେଡିର ବରିଷ୍ଠ କର୍ମୀ ତଥା ଉଖୁଣ୍ଡା ସମବାୟ ସମିତି ସଭାପତି ପ୍ରଦୀପ ନାଏକ(୪୭)ଙ୍କ ଅକାଳ ବିୟୋଗ ଘଟିଥିଲା। ତାଙ୍କ ମୃତ୍ୟୁ ଖବର ପାଇ ପାଟଣା ବିଧାୟକ ପହଞ୍ଚି ପରିବାର ଲୋକଙ୍କୁ ସମବେଦନା ଜଣାଇବା ସହ ମୃତଦେହକୁ କାନ୍ଧରେ ବୋହି ଶ୍ମଶାନ ପର୍ଯ୍ୟନ୍ତ ନେଇଥିଲେ। ଏଥିସହ ଶେଷକୃତ୍ୟ କାର୍ଯ୍ୟରେ ସହଯୋଗ କରିଥିଲେ। ତାଙ୍କ ସହ କେନ୍ଦୁଝର ଜିଲା ସମବାୟ ବ୍ୟାଙ୍କ ସଭାପତି କାନନ ବିହାରୀ ପୋହି, ଜିଲା ପରିଷଦ ସଦସ୍ୟ ରାଧାକାନ୍ତ ନାୟକ, ବରିଷ୍ଠ ବିଜେଡି ନେତା ହରିଭକ୍ତ କୁନା ଗିରି, ସୁଶାନ୍ତ ପ୍ରଧାନ, ବିଜୟ ନାଏକ, ସ୍ଥାନୀୟ ସରପଞ୍ଚ ଚିନ୍ମୟୀ ନାଏକ, ହେମେନ୍ଦ୍ର ମହାନ୍ତ, ପରେଶ ବାରିକଙ୍କ ସହ ରାଜ୍ୟ କଂଗ୍ରେସ ମିଡିଆ ସେଲ ଉପାଧ୍ୟକ୍ଷ ଇଂ ବିନୋଦ ବିହାରୀ ନାଏକ ପ୍ରମୁଖ ସାମିଲ ହୋଇଥିଲେ।

## ହାଟରୁ ବାଇକ୍ ଚୋରି

ରୂପସା, (ବାଞ୍ଛାନିଧି ଦେ)-ବାଲେଶ୍ୱର ଜିଲା ବସ୍ତା ଥାନା ଦରଡ଼ା ସାପ୍ତାହିକ ହାଟରୁ ବାଇକ୍ ଚୋରି ନେଇ ବୁଧବାର ବସ୍ତା ଥାନାରେ ଅଭିଯୋଗ ହୋଇଛି। ପଳାସିଆ ଗ୍ରାମର ରାମ ମାରାଣ୍ଡି ମଙ୍ଗଳବାର ସନ୍ଧ୍ୟାରେ ନିଜ ବାଇକ୍ (ନଂ. ଓଡ଼ି୦୧ଏଡ଼ି-୬୮୨)ଯୋଗେ ଦରଡ଼ା ସାପ୍ତାହିକ ହାଟକୁ ଆସିଥିଲେ। ହାଟ ସାରି ଦେଖିଲା ବେଳକୁ ସେଠାରେ ବାଇକ୍ ନ ଥିଲା। ବାଇକ୍ ଚୋରି ହେବା ନେଇ ମାରାଣ୍ଡି ବୁଧବାର ବସ୍ତା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ବାରମ୍ବାର ଏହି ହାଟରୁ ବାଇକ୍ ଚୋରି ଅଭିଯୋଗ ହୋଇଆସୁଥିଲେ ହେଁ ପୋଲିସ ଧରିବାରେ ବିଫଳ ହୋଇଛି।

### ସଂକ୍ଷେପରେ

## ବନାଞ୍ଚଳ ଅଧିକାରୀରୁ ଓଏଏସ୍



**କେନ୍ଦୁଝର,୩।୮(ନରେଶ ଚନ୍ଦ୍ର ପଟ୍ଟନାୟକ):** କେନ୍ଦୁଝର ଜିଲା ସଦର ବ୍ଲକ୍ ଅନ୍ତର୍ଗତ ଗୋପୀନାଥପୁର ପଞ୍ଚାୟତର ମାତା ପ୍ରଭାତୀ ଦେହୁରୀ ଓ ପିତା ସ୍ୱର୍ଗତ ରସାନନ୍ଦ ଦେହୁରୀଙ୍କ କନିଷ୍ଠ ପୁତ୍ର ନୀଳମଣି ଦେହୁରୀ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷା(ଓଏଏସ୍)ରେ ୪୨୨ନମ୍ବର ର୍ୟାଙ୍କ ରଖି କୃତକାର୍ଯ୍ୟ ହୋଇଛନ୍ତି। ସେ ରାଇସୁଆଁ ଉଚ୍ଚ ଇଂରାଜୀ ବିଦ୍ୟାଳୟରୁ ମାଟ୍ରିକ ଶିକ୍ଷା ପରେ ଆଞ୍ଚଳିକ ମହାବିଦ୍ୟାଳୟ, ପଦ୍ମପୁରରୁ +୨ ଓ କେନ୍ଦୁଝର ଯାନ୍ତ୍ରିକ ମହାବିଦ୍ୟାଳୟରୁ ମେକାନିକାଲ ଇଞ୍ଜିନିୟରିଂରେ ବିଟେକ ଓ ଇଣ୍ଡଷ୍ଟ୍ରିଆଲ ଡିଜାଇନରେ ରାଉରକେଲା ଏନଆଇଟିରୁ ଏମ୍‌ଟେକ କରିଛନ୍ତି। ୨୦୧୭ରେ ବନାଞ୍ଚଳ ଅଧିକାରୀ ଭାବେ କୃତକାର୍ଯ୍ୟ ହୋଇ ତାଲିମ ପରେ ଏବେ କଣିହାଁରେ କାର୍ଯ୍ୟରତ ଅଛନ୍ତି। ଭଗବାନଙ୍କ ଆଶୀର୍ବାଦ ସହିତ ମା'ଙ୍କ ଆଶୀର୍ବାଦ ଓ ପ୍ରେରଣା, ଭାଇ ଓ ଭଉଣୀଙ୍କ ଉତ୍ସାହ ଏହି ସ୍ଥାନରେ ପହଞ୍ଚିଥିବା କହିବା ସହିତ ଶିକ୍ଷକ ମାନଙ୍କୁ ଶ୍ରେୟ ପ୍ରଦାନ କରିଛନ୍ତି। ଆଦିମ ଆଦିବାସୀ ଲୋକେ କିପରି ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ ପରି ମୌଳିକ ସୁବିଧାରୁ ବଞ୍ଚିତ ନ ହେବେ ସେ ଦିଗରେ କାର୍ଯ୍ୟ କରିବେ ବୋଲି ନୀଳମଣୀ କହିଥିଲେ। ତାଙ୍କର ଏହି ସଫଳତା ପାଇଁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

## ମଦ ସହ କାର ଜବତ, ଜଣେ ଗିରଫ



**ଭଦ୍ରକ,୩।୮(ସନାତନ ରାଉତ)**

ଭଦ୍ରକ ଅବକାରୀ ବିଭାଗ ପକ୍ଷରୁ ଭଦ୍ରକ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ସନ୍ତୋଷ କୁମାର ବଳ ଏକ ସ୍ୱତନ୍ତ୍ର ଟିମ ଦ୍ୱାରା ଚଢ଼ାଉ କରି ବିପୁଳ ପରିମାଣର ଦେଶୀମଦ ସହ କାର ଜବତ କରିଛନ୍ତି। ବେଆଇନ ନିଶା କାରବାର ଅଭିଯୋଗରେ ଜଣଙ୍କୁ ଗିରଫ କରାଯାଇଛି। ଭଦ୍ରକ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ୧୬ ନଂ ଜାତୀୟ ରାଜପଥର ରାହାଞ୍ଜ ଛକ ନିକଟରେ ଗୁରୁବାର ଟିମ୍ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ବାଲେଶ୍ୱରରୁ ଭଦ୍ରକ ଆସୁଥିବା ଚେଭ୍ରୋଲେଟ କାର (ଓଡି-୧୦-୭୧୧୧)କୁ ଅଟକାଇ ଯାଞ୍ଚ କରିଥିଲେ। ସେଥିରୁ ୩ ଶହ ଲିଟର ଦେଶୀ ରନ୍ଧା ମଦ ଜବତ କରିଥିଲେ। ଏଥିରେ ସମ୍ପୃକ୍ତ ସିମୁଳିଆ ଥାନା ଅନ୍ତର୍ଗତ ମାର୍କୋଣା ଗ୍ରାମର କମଳାକାନ୍ତ ସାହୁଙ୍କୁ ଗିରଫ କରାଯାଇଛି। ଜବତ ମଦ ଓ ଗାଡ଼ିର ଆନୁମାନିକ ମୂଲ୍ୟ ୩ ଲକ୍ଷରୁ ଊର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି। ଚଢ଼ାଉରେ ସହକାରୀ ଉପନିରୀକ୍ଷକ ପ୍ରହଲ୍ଲାଦ ସାମଲ, ରମେଶ ନାୟକ, କନଷ୍ଟେବଲ ଅଜିତ ସିଙ୍କୁ, ରୁଦ୍ରନାରାୟଣ ଦାସ, ସୁଦର୍ଶନ ପଲ୍ଲାଇ, ଜେମାମଣୀ ଜାମୁଡ଼ା ପ୍ରମୁଖ ସାମିଲ ଥିଲେ। ଭଦ୍ରକ ଅବକାରୀ ଥାନାରେ ଗୋଟିଏ ମାମଲା ରୁଜୁ ହୋଇଛି।

## ତାଲା କାଟି ଘରୁ ଚୋରି

**ବାସୁଦେବପୁର,୩।୮(ନାରାୟଣ ପ୍ରସାଦ ବାରିକ୍)**

ଭଦ୍ରକ ଜିଲା ବାସୁଦେବପୁର ପୌରପାଳିକା ନିଉଇଣ୍ଡିଆସାହିରେ ଭଡ଼ାରେ ରହୁଥିବା ବିଦ୍ୟୁତ କର୍ମଚାରୀ ଆଶିଷ କୁମାର ନାୟକଙ୍କ ଘର ତାଲା କାଟି ଚୋରି ହୋଇଥିବା ବାସୁଦେବପୁର ଥାନାରେ ଅଭିଯୋଗ ହୋଇଛି। ଆଶିଷ ଉକ୍ତ ସାହିର ବିବେକାନନ୍ଦ ମହାନ୍ତିଙ୍କ ଘରେ ଭଡ଼ାରେ ରହି ଆସୁଥିଲେ। ଗତ ଜୁଲାଇ ୨୨ରେ ଘରେ ନିଜ ଗ୍ରାମ ବାଲେଶ୍ୱର ଜିଲା ବସ୍ତା ଥାନା ଅଧୀନ ମଧୁଭଣ୍ଡାକୁ ଯାଇଥିଲେ। ଏହାର ସୁଯୋଗ ନେଇ ଦୁର୍ବୃତ୍ତ ଘର ତାଲା କାଟି ୨ ସୁନାଚେନ, ସୁନାମୁଦି ସହ ନଗଦ ୧୧ ହଜାର ଟଙ୍କା ଓ କିଛି ଲୁଗାପଟା ନେଇଥିବା ଅଭିଯୋଗରେ ଦର୍ଶାଯାଇଛି। ଏ ନେଇ ମାମଲା (ନଂ. ୪୪୨/୨୩) ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛି।

# ପରୀକ୍ଷାଖାତା ଦେଖାରେ ଅନିୟମିତତା

**ଘଟଗାଁ,୩।୮(ରାଜେନ୍ଦ୍ର କୁମାର ପଟ୍ଟନାୟକ)**

**ତାରିଣୀ ଠାକୁରାଣୀ ମହାବିଦ୍ୟାଳୟ**
- ଅଧ୍ୟାପିକା ଘରକୁ ଲୁଚାଇନେଲେ ଖାତା
- ମୂଲ୍ୟାଙ୍କନ ଜୋନ୍ ପ୍ରତ୍ୟାହାର, କାର୍ଯ୍ୟାନୁଷ୍ଠାନ ଦାବି

କେନ୍ଦୁଝର ଜିଲା ଘଟଗାଁ ତାରିଣୀ ଠାକୁରାଣୀ ମହାବିଦ୍ୟାଳୟରେ ପରୀକ୍ଷା ଖାତା ଦେଖାରେ ଅନିୟମିତତା ଅଭିଯୋଗ ହୋଇଛି। ଏ ନେଇ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ତରଫରୁ ମହାବିଦ୍ୟାଳୟର +୩ ପରୀକ୍ଷା ଖାତା ମୂଲ୍ୟାଙ୍କନ ଜୋନ୍‌କୁ ପ୍ରତ୍ୟାହାର କରାଯାଇଛି। ପରୀକ୍ଷା ଖାତା ଘରକୁ ନେଇଯାଇଥିବାଅଧ୍ୟାପିକାଙ୍କବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି ହୋଇଛି।

ସୂଚନା ଅନୁଯାୟୀ, ଗତମାସରେ ଇଂରାଜୀ ଖାତା ମୂଲ୍ୟାଙ୍କନ ବେଳେ ଜଣେ ଅଧ୍ୟାପିକା ପରୀକ୍ଷାଖାତା ପରୀକ୍ଷା ହଲରେ ନ ଦେଖି ଲୁଚାଇ ଘରକୁ ନେଇଯାଇଥିଲେ। ଉକ୍ତ ଖାତା ନେଇ ସେ ଅନ୍ୟଜଣଙ୍କୁ ଦେଖିବାକୁ ଦେଇଥିଲେ। ଖାତା ଜଣଙ୍କ ନିକଟରୁ ମିଳିବା ପରେ ତାରିଣୀ ଠାକୁରାଣୀ ମହାବିଦ୍ୟାଳୟର ଅଧ୍ୟକ୍ଷ ତଥା ମୂଲ୍ୟାଙ୍କନ କେନ୍ଦ୍ର ଜୋନ୍‌ର ସୁପରଭାଇଜର ରଞ୍ଜନ କୁମାର ପଣ୍ଡା ଉତ୍ତରଓଡ଼ିଶା ପରୀକ୍ଷା ନିୟନ୍ତ୍ରକଙ୍କୁ ଜଣାଇଥିଲେ। ଘଟଣାରେ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଉଚ୍ଚ କର୍ତ୍ତୃପକ୍ଷ ପ୍ରଥମେ ଉକ୍ତ ମୂଲ୍ୟାଙ୍କନ କେନ୍ଦ୍ରକୁ ପ୍ରତ୍ୟାହାର କରିନେଇଛନ୍ତି। ଉକ୍ତ ମୂଲ୍ୟାଙ୍କନ କେନ୍ଦ୍ରକୁ ଆସିଥିବା ପରୀକ୍ଷା ଖାତା ଆନନ୍ଦପୁର ସବ୍‌ଡିଭିଜନ ଅନ୍ତର୍ଗତ ସାଇଁକୁଳସ୍ଥିତ ପତିତପାବନ ମହାବିଦ୍ୟାଳୟ କେନ୍ଦ୍ରକୁ ପଠାଯାଇ ବୁଧବାରଠାରୁ ଖାତା ଦେଖାଯାଉଛି। ଏଥିରେ ମହାବିଦ୍ୟାଳୟର ସମ୍ମାନହାନୀ ହୋଇଥିବାରୁ କର୍ତ୍ତୃପକ୍ଷ ସମ୍ପୃକ୍ତ ଅଧ୍ୟାପିକାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି। ଅଧ୍ୟକ୍ଷ ପଣ୍ଡା କହିଛନ୍ତି, ଘଟଣା ସମ୍ପର୍କରେ ଜାଣିବା ପରେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ସମ୍ପୃକ୍ତ ଅଧ୍ୟାପିକାଙ୍କୁ କୈଫିୟତ ମଗାଯାଇଛି ବୋଲି ସେ କହିଥିଲେ।

## ଅଫ୍‌ଲାଇନରେ ପିଜି ସିଟ୍ ପୂରଣ କରାଯାଉ: ସରୋଜିନୀ

**ବାରିପଦା,୩।୮(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ବାରିପଦା ତକତପୁରସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ସହ ଅନୁବନ୍ଧିତ କଲେଜରେ ସ୍ୱ-ଆର୍ଥିକ(ଏସ୍‌ଏଫ୍‌ସି) ମୋଡ୍‌ରେ ପିଜି ବିଷୟ ଗୁଡିକରେ ଅଫଲାଇନ ମାଧ୍ୟମରେ ସ୍ପଟ ଆଡମିଶନ କରିବାକୁ ଦାବି ହୋଇଛି। ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବଙ୍କୁ ଏସ୍‌ଟି ଏସ୍‌ସି ବିଭାଗର ଉପଦେଷ୍ଟା ସରୋଜିନୀ ହେମ୍ବ୍ରମ ପତ୍ର ଲେଖି ନିବେଦନ କରିଛନ୍ତି। ଫଳରେ ଆଦିବାସୀ ଅଧ୍ୟୁଷିତ ଜିଲାର ଛାତ୍ରୀଛାତ୍ରମାନେ ବେଶ ଉପକୃତ ହୋଇପାରିବେ ବୋଲି ସେ ଆଶା ପ୍ରକଟ କରିଛନ୍ତି। ସ୍ୱଳ୍ପ ସମୟ ଅବଧି ଓ ବିଭିନ୍ନ କାରଣରୁ ଛାତ୍ରୀଛାତ୍ରମାନେ ଚଳିତ ବର୍ଷ ପିଜି ପ୍ରବେଶ ପାଇଁ ସିପିଇଟି ମାଧ୍ୟମରେ ଆବେଦନ କରିବାରୁ ବଞ୍ଚିତ ରହିଛନ୍ତି। ଏସ୍‌ଏଫ୍‌ସି ମୋଡ୍ ଅନ୍ତର୍ଗତ ବିଭିନ୍ନ ପିଜି ବିଷୟ ଗୁଡିକରେ ଅଫଲାଇନ ମୋଡରେ ଆଡମିଶନ ହେବାକୁ ଆଗ୍ରହୀ ଅଛନ୍ତି। ଗତବର୍ଷ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ସ୍ୱ-ଆର୍ଥିକ ମୋଡରେ ଅଧିକାଂଶ ପିଜି ସିଟ୍ ସିପିଇଟିର ଉପଲବ୍ଧତା ନ ଥିବାରୁ ଖାଲି ପଡ଼ିଥିଲା। ଫଳରେ ଅନୁବନ୍ଧିତ କଲେଜଗୁଡିକ ଏସ୍‌ଏଫ୍‌ସି ପ୍ରଦାନ କରି ବେସରକାରୀ ସାର୍ବଜନୀନ ଭାଗିଦାରୀ ମୋଡ୍ ଅଧୀନରେ ଥିବା ପାଠ୍ୟକ୍ରମଗୁଡ଼ିକ ଅଣ ସିପିଇଟି ପ୍ରାର୍ଥୀଙ୍କ ମଧ୍ୟରେ ଅଫଲାଇନ ମୋଡରେ ଆଡମିଶନ ନେଇଥିଲେ। ଫଳ ସ୍ୱରୂପ ବେସରକାରୀ ବିଶ୍ୱବିଦ୍ୟାଳୟ ଗୁଡିକ ଲାଭବାନ ହୋଇଥିବା ବେଳେ ସରକାରୀ ବିଶ୍ୱବିଦ୍ୟାଳୟଗୁଡ଼ିକ କ୍ଷତି ସହିଥିଲେ। ରାଜ୍ୟ ବିଶ୍ୱବିଦ୍ୟାଳୟ ଗୁଡିକ ଏସ୍‌ଏଫ୍‌ସି ପାଠକ୍ରମ ପ୍ରଦାନ କରୁଥିବା ବେଳେ ସମସ୍ତଙ୍କ ପାଇଁ ସମାନ ନିୟମ ରଖି ପିଜି ଆଡମିଶନ କରିବାକୁ ଛାତ୍ରୀଛାତ୍ରମାନେ ଦାବି କରୁଛନ୍ତି। ଏହାକୁ ନେଇ ସରୋଜିନୀ ହେମ୍ବ୍ରମଙ୍କ ଚିଠି ନଂ. ୧୫୦୦/୨୭ ଜୁଲାଇରେ ପ୍ରଦତ୍ତ ଅଭିଯୋଗକୁ ଭିତ୍ତି କରି ଖୋଲା ବିଜ୍ଞାପନ ଦ୍ୱାରା ଏସ୍‌ଏଫ୍‌ସି ମୋଡ୍‌ରେ ପିଜି ବିଷୟ ଗୁଡ଼ିକରେ ସ୍ପଟ ଆଡ୍‌ମିଶନ ଯୋଗେ ଖାଲି ସିଟ୍ ପୂରଣ କରିବାକୁ ସରୋଜିନୀ ନିବେଦନ କରିଛନ୍ତି।

## ଯୁଦ୍ଧାସ୍ତ୍ର ପରୀକ୍ଷଣ ସମୟରେ ସୁରକ୍ଷା ସମ୍ପର୍କିତ ସଚେତନତା



କାର୍ଯ୍ୟକ୍ରମରେ ଅତିଥିଙ୍କୁ ସ୍ୱାଗତ କରାଯାଉଛି।

**ବାଲେଶ୍ୱର, ୩।୮(ମାନସ ବିଶ୍ୱାଳ)**

ବାଲେଶ୍ୱର ଚାନ୍ଦିପୁରସ୍ଥିତ ଡିଆର୍‌ଡିଓ ଅଧୀନ ପ୍ରୁଫ୍ ଆଣ୍ଡ ଏକ୍ସପେରିମେଣ୍ଟାଲ ଏଷ୍ଟାବ୍ଲିଶମେଣ୍ଟ (ପିଏକ୍ସଇ) ତରଫରୁ ଗୁଡୁପାହିସ୍ଥିତ ବାତ୍ୟା ଆଶ୍ରୟସ୍ଥଳୀରେ ବୁଧବାର ଗୋଳାବାରୁଦ ପରୀକ୍ଷଣ 'ସୁରକ୍ଷା' ସମ୍ବନ୍ଧିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପିଏକ୍ସଇର ନିର୍ଦ୍ଦେଶକ ଡିକେ ଯୋଶୀ, ବୈଜ୍ଞାନିକ 'ଏଚ୍' (ଉତ୍କୃଷ୍ଟ ବୈଜ୍ଞାନିକ) ସଭାପତିତ୍ୱ କରି ପିଏକ୍ସଇ, ଡିଆର୍‌ଡିଓ ଅଧୀନ ଏକ ପ୍ରମୁଖ ପ୍ରୟୋଗଶାଳା, ଯିଏକି ବିଭିନ୍ନ ଗୋଳାବାରୁଦ, ଯୁଦ୍ଧାସ୍ତ୍ରର ପରୀକ୍ଷଣ ଓ ମୂଲ୍ୟାୟନ କାର୍ଯ୍ୟ କରିଆସୁଛି। ଏହି ପରିପ୍ରେକ୍ଷୀରେ ଯୁଦ୍ଧାସ୍ତ୍ର ପରୀକ୍ଷଣ ସମୟରେ ସମୁଦ୍ର ମଧ୍ୟକୁ ପ୍ରବେଶ କରିବାରେ ଥିବା ସମ୍ଭାବ୍ୟ ବିପଦ ବାବଦରେ ସ୍ଥାନୀୟ ଅଧିବାସୀଙ୍କୁ ସଚେତନ କରିବା, ସୁରକ୍ଷା ସମ୍ବନ୍ଧୀୟ ସତର୍କତା ବିଷୟରେ ପ୍ରଶିକ୍ଷଣ କରିବା ତଥା ପିଏକ୍ସଇର ମୂଳମନ୍ତ୍ର 'ସୁରକ୍ଷା ସର୍ବପ୍ରଥମ ଓ ସର୍ବଦା'କୁ ସୁନିଶ୍ଚିତ କରାଇବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ। ଅତିଥି ଭାବେ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା ଯୋଗଦେଇ ସୁରକ୍ଷା ଓ ନିରାପତ୍ତା ବିଷୟରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ପିଏକ୍ସଇର ବରିଷ୍ଠ ବୈଜ୍ଞାନିକ, ସେନା ଅଧିକାରୀ ଓ ଟେକନିକ୍ ଅଧିକାରୀ ନିଜ ବକ୍ତବ୍ୟରେ ଫାୟାରିଂ ସହିତ ସମ୍ପୃକ୍ତ ବିପଦ ତଥା ଯେକୌଣସି ବିପଦ ଏଡ଼ାଇବା ପାଇଁ ପିଏକ୍ସଇ ଦ୍ୱାରା ନିଆଯାଉଥିବା ସତର୍କତାମୂଳକ ପଦକ୍ଷେପ ସମ୍ବନ୍ଧରେ ସୂଚନା ଦେଇଥିଲେ। ଫାୟାରିଂ ପରେ ଅଫୁଟା ଗୋଳା ଓ ଅବ୍ୟବହୃତ ଯନ୍ତ୍ରାଂଶ ସଂଗ୍ରହ କରି ବିପଦଜନକ କାର୍ଯ୍ୟରୁ ନିବୃତ୍ତ ହେବା ଉପରେ ଜୋର୍ ଦିଆଯାଇଥିଲା। ପିଏକ୍ସଇ କର୍ମଚାରୀଙ୍କ ଦ୍ୱାରା ଏହି ସମ୍ବନ୍ଧରେ ଏକ ଲଘୁ ନାଟକ ପ୍ରସ୍ତୁତ କରାଯାଇଥିଲା। ବିଭିନ୍ନ ଯୁଦ୍ଧାସ୍ତ୍ର ପରୀକ୍ଷଣ ବାବଦରେ ଶବ୍ଦ ଦୃଶ୍ୟ ଭିତ୍ତିକ ଚଳଚ୍ଚିତ୍ର ଉପସ୍ଥିତ ବ୍ୟକ୍ତିବିଶେଷଙ୍କ ଉଦ୍ଦେଶ୍ୟରେ ପ୍ରଦର୍ଶିତ ହୋଇଥିଲା। ଅଧିକାଂଶ ବକ୍ତବ୍ୟ ସମସ୍ତଙ୍କ ବୁଝିବା ଭଳି ସ୍ଥାନୀୟ ଭାଷାରେ ଥିଲା। ପିଏକ୍ସଇ ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ପ୍ରୋତ୍ସାହିତ ଓ ପୁରସ୍କୃତ କରାଯାଇଥିଲା। ସଚେତନତା କାର୍ଯ୍ୟକ୍ରମରେ ତହସିଲଦାର ବାଲେଶ୍ୱର, ଗୁଡୁପାହି ସରପଞ୍ଚ ଓ ସମିତିସଭ୍ୟଙ୍କ ସହିତ ପିଏକ୍ସଇର ଅନେକ ବୈଜ୍ଞାନିକ, ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ଏଥିସହିତ ଗୁଡୁପାହି ତଥା ଏହାର ପାର୍ଶ୍ୱବର୍ତ୍ତୀ ଅନେକ ଗ୍ରାମର ୧୫୦୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଏବଂ ଗୁଡୁପାହି ଉଚ୍ଚ ବିଦ୍ୟାଳୟ ଓ ହରପ୍ରସାଦ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗ ଦେଇଥିଲେ।

### ବିଦ୍ୟୁତ୍ ଖୁଣ୍ଟ ଚୋରି ଘଟଣା

## ଧରାପଡ଼ିଲେ ୮ ଅଭିଯୁକ୍ତ

**ବାରିପଦା(ନୀଳାଦ୍ରି ବିହାରୀ ଦଣ୍ଡପାଟ)/ ରାଇରଙ୍ଗପୁର(ମନୋରଞ୍ଜନ ତିରିଆ),୩।୮**

ମୟୂରଭଞ୍ଜ ଜିଲା ଯଶିପୁର ପୋଲିସ ଚଢ଼ାଉ କରି ଦୁଇ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମୂଲ୍ୟର ୩୩/୧୧କେଭି ବିଦ୍ୟୁତ୍ ଖୁଣ୍ଟ ଚୋରି ଘଟଣାର ପର୍ଦ୍ଦାଫାଶ କରିଛି। ୮ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ସେମାନଙ୍କଠାରୁ ଏକ ମିନିଟ୍ରକ୍, କଟର ମେଶିନ ଓ ଚୋରି ବିଦ୍ୟୁତ୍ ଖୁଣ୍ଟ ଜବତ ହୋଇଛି। ଅଭିଯୁକ୍ତମାନେ ହେଲେ ଯାଜପୁର ଜିଲା କଳିଙ୍ଗନଗର ଥାନା ଅଧୀନ ଡୁବୁରୀର ଗୋପୀନାଥ ସେଠୀ, ତପନ ଦାସ, ଦୀପକ ବେରା, ବରଗଡିଆ ଗ୍ରାମର ସୁଶାନ୍ତ ମଲ୍ଲିକ, ତହରପୁରର କାହ୍ନୁ ଚରଣ ସେଠୀ, ଦାନଗଦିରେ ରହୁଥିବା ମହାରାଷ୍ଟ୍ରର ବାଲସ୍ୱାମୀ ଅଙ୍ଗାଡି, ଭଦ୍ରକ ବାସୁଦେବପୁର ଥାନା ଅଧୀନ ସବରପୁରର ସଲାମତ ଖାନ ଓ ବାଦାମପାହାଡ ଥାନା ଅଧୀନ ବାସିଲା ଗ୍ରାମର ଲକ୍ଷ୍ମଣ ହାଁସଦା। ଅଭିଯୁକ୍ତମାନେ ସୋମବାର ରାତିରେ ଯଶିପୁର ଥାନା ଅଞ୍ଚଳରୁ ୬ଟି ବିଦ୍ୟୁତ୍ ଖୁଣ୍ଟ କାଟି ମିନିଟ୍ରକ୍ ଯୋଗେ ଯାଜପୁର ରୋଡ୍ ନେଉଥିବା ସୂଚନା ପାଇ ଆଇଆଇସି ପଞ୍ଚାନନ ମହାନ୍ତିଙ୍କ ନେତୃତ୍ୱରେ ଚଢ଼ାଉ କରାଯାଇଥିଲା। ଟ୍ରକ୍‌ରେ ଥିବା ୪ଜଣଙ୍କୁ ଥାନାକୁ ଆଣି ପଚରାଉଚରା ପରେ ଉକ୍ତ ଗ୍ୟାଙ୍ଗ ଧରାପଡ଼ିଥିଲେ।

## କାର୍ଯ୍ୟାନୁଷ୍ଠାନ ନ ହେଲେ ଆମରଣ ଅନଶନ ଚେତାବନୀ

**ବାସୁଦେବପୁର, ୩।୮(ନାରାୟଣ ପ୍ରସାଦ ବାରିକ୍)**

**ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଆର୍ଥିକ ଅନିୟମିତତା ଘଟଣା**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ୍ ସୁଦର୍ଶନପୁର ପଞ୍ଚାୟତର ଏମଜିଏନ୍‌ଆର୍‌ଇଜିଏସ୍‌ରେ(ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା)ରେ ପୋଖରୀ ଓ ଘାଟ ନିର୍ମାଣରେ ଆର୍ଥିକ ଅନିୟମିତତା ଓ ପ୍ରକଳ୍ପ ନ ଥାଇ ଟଙ୍କା ଉଠାଣ ଘଟଣାର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଦାବି ହୋଇଛି। କାର୍ଯ୍ୟାନୁଷ୍ଠାନ ନ ହେଲେ କେତେକ ବ୍ୟକ୍ତି ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ଆସନ୍ତା ୭ ତାରିଖରେ ଆମରଣ ଅନଶନରେ ବସିବାକୁ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଲିଖିତ ଭାବେ ଜିଲାପାଳ, ଜିଲା ପ୍ରକଳ୍ପ ଅଧିକାରୀ, ଏସ୍‌ପି, ତହସିଲଦାର, ବାସୁଦେବପୁର ଥାନା, ବିଡିଓଙ୍କୁ ପ୍ରଦାନ କରିଛନ୍ତି। ଘଟଣାର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଅନଶନ କରାଯିବ ବୋଲି ସୂଚନା ଅଧିକାରୀ କର୍ମୀ ତପନ କୁମାର ବାରିକ୍ ଲିଖିତ ଭାବେ ପ୍ରଶାସନକୁ ଜଣାଇଛନ୍ତି।

## ଚାଷୀଙ୍କୁ ଜୈବଖତ ବଣ୍ଟନ

**ଲଙ୍ଗଳେଶ୍ୱର, ୩।୮(କମଳାକାନ୍ତ ଦାସ)**

ବାଲିଆପାଳ ବ୍ଲକ ଶ୍ରୀରାମପୁର ଗ୍ରାମରେ ଗୁରୁବାର ଚାଷୀଙ୍କ ଉନ୍ନତିକରଣ ଏବଂ ଜୈବିକ କୃଷିର ପ୍ରସାର ନିମନ୍ତେ ଚାଷୀଙ୍କୁ 'ନବୀନ ଓଡିଶା ମଞ୍ଚ' ପକ୍ଷରୁ ଜୈବଖତ ବଣ୍ଟନ କରାଯାଇଛି। ମଞ୍ଚ ସଭାପତି ତୁଷାରକାନ୍ତ ବେହେରା ଯୋଗଦେଇ ଚାଷୀଙ୍କୁ ଜୈବିକ କୃଷିର ଉପକାରିତା ଏବଂ ମୁଖ୍ୟମନ୍ତ୍ରୀଙ୍କର ବିଭିନ୍ନ ଚାଷ ଉପଯୋଗୀ ଯୋଜନା ସମ୍ପର୍କରେ ଚାଷୀଙ୍କୁ ଅବଗତ କରାଇଥିଲେ। ଗାଁ ମାଲିକ ଯୁଗଳ କିଶୋର ପାତ୍ର, ୱାର୍ଡ଼ମେମ୍ବର ସଭ୍ୟା ଶାନ୍ତିଲତା ଦାସ, ଚାଷୀ ଧ୍ରୁବଚରଣ ଜେନା, ଶ୍ରୀନିବାସ ବେହେରା, ଜଳଧର ଦେ, ତପନ ସାହୁ, ପ୍ରାଣକୃଷ୍ଣ ବେହେରା ପ୍ରମୁଖ ଗ୍ରାମର ବହୁ ଚାଷୀ ଉପସ୍ଥିତ ଥିଲେ। ସମସ୍ତ ଚାଷୀଙ୍କୁ ମଞ୍ଚ ସଭାପତି ବେହେରା ଜୈବଖତ ବଣ୍ଟନ କରିଥିଲେ। ମଞ୍ଚ ପକ୍ଷରୁ ସୁଧାଂଶୁ ଦଳାଇ, ଗୌରାଙ୍ଗ ମଙ୍ଗରାଜ ପ୍ରମୁଖ ପରିଚାଳନା କରିଥିଲେ।

## ନୂତନ ଛାତ୍ରୀଛାତ୍ରଙ୍କୁ ମାର୍ଗଦର୍ଶନ



ସ୍ୱାଗତ ସମ୍ବର୍ଦ୍ଧନା ସଭାରେ ଅଧ୍ୟକ୍ଷ ପିଲାମାନଙ୍କୁ ମାର୍ଗଦର୍ଶନ କରାଉଛନ୍ତି।

**ଖଇରା, ୩।୮(ଉତ୍କଳବନ୍ଧୁ ପଣ୍ଡା)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁପାରୀ ଡଃ. ହରେକୃଷ୍ଣ ମହତାବ ମହାବିଦ୍ୟାଳୟରେ +୨ରେ ନୂତନ ଭାବେ ନାମ ଲେଖାଇଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଏବଂ ସେମାନଙ୍କ ପାଇଁ ମାର୍ଗଦର୍ଶନ କାର୍ଯ୍ୟକ୍ରମ ମଙ୍ଗଳବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଗଗନ ବିହାରୀ ରାଉତ ଏଥିରେ ସଭାପତିତ୍ୱ କରିଥିଲେ। ମହାବିଦ୍ୟାଳୟରେ ଉପଲବ୍ଧ ବିଭିନ୍ନ ସୁବିଧା ସୁଯୋଗ, ଆଣ୍ଟି ର୍ୟାଗିଂ ସେଲ, ସେକ୍ସୁଆଲ ହାରାସମେଣ୍ଟ ସେଲ, ଡିସିପ୍ଲିନାରୀ କମିଟି ସମ୍ବନ୍ଧରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଯାଇଥିଲା। ବରିଷ୍ଠ ପ୍ରାଧ୍ୟାପକ ଯୁଧିଷ୍ଠିର କୁଅଁର, ଲିଙ୍ଗରାଜ କର, ପ୍ରାଧ୍ୟାପିକା ଫୁଲମଣି ଦେଇ, ଅଧ୍ୟାପିକା ମାଳତୀଲତା ହାତୀ ଓ ଆଭାରାଣୀ ବଳ, ଅଧ୍ୟାପକ ଅଂଶୁମାନ ନାୟକ ଓ ଚିରଞ୍ଜୀବୀ ଦାସ ପ୍ରମୁଖ ଉପସ୍ଥିତ ରହି ଯେଉଁ ଉଦ୍ଦେଶ୍ୟ ନେଇ ମା' ବାପା ପରିବାର ଲୋକ ପିଲାମାନଙ୍କୁ ବିଦ୍ୟାଳୟକୁ ପଠାଇଛନ୍ତି ତାକୁ ଗୁରୁତ୍ୱ ଦେଇ ଶିକ୍ଷାଗ୍ରହଣ ପ୍ରତି ମନନିବେଶ କରିବାକୁ ପରାମର୍ଶ ଦେଇଥିଲେ।

## ଦାଦନ ଖଟିବାକୁ ଯାଇ ସ୍ୱାମୀ ନିଖୋଜ

**ଯୋଡ଼ା,୩।୮(ମାନସ ମହାନ୍ତି)**

**ଫେରାଇ ଆଣିବାକୁ ସ୍ତ୍ରୀଙ୍କ ନିବେଦନ**

କେନ୍ଦୁଝର ଜିଲା ଯୋଡ଼ା ପୌରପାଳିକା ଅନ୍ତର୍ଗତ ୬ନଂ. ୱାର୍ଡ ବାଚୁହଟିଂ ନିବାସୀ କଙ୍କଣ ମୁଣ୍ଡା ଗତ ୯ଦିନ ପୂର୍ବେ ଗୁଜୁରାଟକୁ କାମ କରିବାକୁ ଯାଇ ନିଖୋଜ ହୋଇଯାଇଛନ୍ତି। ଫଳରେ ପରିବାର ଲୋକେ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ସ୍ୱାମୀଙ୍କୁ ଫେରାଇ ଆଣିବାକୁ କଙ୍କଣଙ୍କ ସ୍ତ୍ରୀ ପିଙ୍କି ମୁଣ୍ଡା ଆକୁଳ ନିବେଦନ କରିଛନ୍ତି। ପିଙ୍କି କହିଛନ୍ତି ଯେ, ତାଙ୍କ ସ୍ୱାମୀ ସମେତ ଅଞ୍ଚଳର ୮ଜଣ ଲୋକ ଜଣେ ଦଲାଲଙ୍କ ଜରିଆରେ ଗୁଜୁରାଟକୁ କାମ କରିବା ପାଇଁ ଯାଇଥିଲେ। ସେମାନଙ୍କ ମଧ୍ୟରୁ ୨ ଜଣ ଫେରି ଆସିଛନ୍ତି। ମାତ୍ର ଯିବା ପରଠାରୁ କଙ୍କଣଙ୍କ ସହିତ କୌଣସି ଯୋଗାଯୋଗ ହୋଇପାରୁନାହିଁ। ଫେରି ଆସିଥିବା ଚକ୍ର ନାମକ ଯୁବକ କହିଛନ୍ତି, କଙ୍କଣକୁ ୪ ଜଣ ଯୁବକ ଅଟୋରେ ବସାଇ ଧମକ ଚମକ ଦେଇ କୁଆଡ଼େ ନେଇ ଯାଉଥିବା ଦେଖିଥିଲେ। ଏହା ଦେଖି ଚକ୍ର ଭୟରେ ଲୁଚି ଓଡ଼ିଶାକୁ ପଳାଇ ଆସିଛନ୍ତି। ଏନେଇ ପିଙ୍କି ଯୋଡ଼ା ଥାନାରେ ଅଭିଯୋଗ କରିଛନ୍ତି। ଘଟଣା ଗୁଜୁରାଟରେ ହୋଇଥିବାରୁ ସେଠାରେ ଖୋଜାଖୋଜି କରିବା ପାଇଁ ପିଙ୍କିଙ୍କୁ ପୋଲିସ କହିବା ସହିତ ପ୍ରାରମ୍ଭିକ ସ୍ତରରେ ପୋଲିସ ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି। କଙ୍କଣଙ୍କ ଦୁଇ ଝିଅ ଥିବା ବେଳେ ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନାହିଁ। ଅର୍ଥ ଅଭାବ ହେତୁ ଗୁଜୁରାଟ ଯାଇ ସ୍ୱାମୀଙ୍କୁ ଖୋଜିବା ତାଙ୍କ ପକ୍ଷେ ଅସମ୍ଭବ ହୋଇପଡ଼ିଛି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଗଣମାଧ୍ୟମ ମାଧ୍ୟମରେ ଆକୁଳ ନିବେଦନ କରିଛନ୍ତି।

## ଛଦ୍ମବେଶରେ ବ୍ରାଉନସୁଗାର ବେପାରୀଙ୍କୁ ଧରିଲେ ଅବକାରୀ ଅଧିକାରୀ



ଗିରଫ ଅଭିଯୁକ୍ତଙ୍କ ସହ ଅବକାରୀ ଅଧିକାରୀ।

**ନୀଳଗିରି, ୩।୮(ପ୍ରଶାନ୍ତ ବିଶ୍ୱାଳ)**

ବାଲେଶ୍ୱର ଜିଲା ନୀଳଗିରି ଥାନା ଅଞ୍ଚଳରେ ଦିନକୁ ଦିନ ବ୍ରାଉନସୁଗାର କାରବାର ବଢ଼ିବାରେ ଲାଗିଛି। ଗୁରୁବାର ନୀଳଗିରି ଥାନା ଅଞ୍ଚଳରୁ ୨୧୦ ଗ୍ରାମ୍‌ର ବ୍ରାଉନ୍‌ସୁଗାର ଜବତ ହୋଇଛି। ପୂର୍ବରୁ ଅବକାରୀ ବିଭାଗ ଖବର ପାଇ ତାଙ୍କୁ ଧରିବା ପାଇଁ ୫ଥର ଉଦ୍ୟମ କରି ବିଫଳ ହୋଇଥିଲା। ଗୁରୁବାର ଅବକାରୀ ବିଭାଗ ଅଧିକାରୀ ଛଦ୍ମବେଶରେ ଆସି ଶ୍ରୀକାନ୍ତ କୁମାର ନାୟକ (୩୯)ଙ୍କୁ ଘର ପାଖ ମନ୍ଦିର ନିକଟକୁ ଡକାଇଥିଲେ। ତାଙ୍କ ନିକଟରୁ ୨୧୦ ଗ୍ରାମ୍ ବ୍ରାଉନସୁଗାର ଜବତ କରାଯିବା ସହ ଘଟଣାସ୍ଥଳରୁ ଅବକାରୀ ବିଭାଗ ତାଙ୍କୁ ଗିରଫ କରିଥିଲା। ଏନେଇ ଜିଲା ଭ୍ରାମ୍ୟମାଣ ଅବକାରୀ ଥାନାରେ ମାମଲା (ନଂ. ୧୨୯/୨୦୨୩-୨୪) ରୁଜୁ କରାଯାଇଛି। ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଓ ଜିଲା ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ସୁଶାନ୍ତ କୁମାର ପାଢ଼ୀଙ୍କ ନିର୍ଦ୍ଦେଶରେ ତଥା ଜିଲା ଭ୍ରାମ୍ୟମାଣ ଅବକାରୀ ଥାନା ଅଧିକାରୀ ଗାଲୁରାମ ସୋରେନଙ୍କ ନେତୃତ୍ୱରେ ଏହି ଚଢ଼ାଉ ହୋଇଥିଲା। ଓଆଇସି ଭକ୍ତଚରଣ ସ୍ୱାଇଁ, ଏଏସ୍‌ଆଇ ମଙ୍ଗଳ କୁମାର ସିଂହ, ସୃଷ୍ଟିଧର ଦେହୁରୀ, ବିଦ୍ୟାଧର ବିନ୍ଧାଣୀ, ରଶ୍ମିରେଖା ପାତ୍ର, କାଜଲ ପ୍ରିୟଦର୍ଶିନୀ, ସୁନାରାମ ସୋରେନ ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ।

### ଜମାକାରୀ ସଂସ୍ଥାରୁ ଅର୍ଥ ହେରଫେର ଘଟଣା

## କୁଆଖିଆରୁ ଅଭିଯୁକ୍ତ ଯୁବକ ଗିରଫ

**ବାସୁଦେବପୁର,୩।୮(ନାରାୟଣ ପ୍ରସାଦ ବାରିକ୍)**

ଭଦ୍ରକ ଜିଲା ବାସୁଦେବପୁରରେ ଏକ ଅର୍ଥ ଲଗାଣକାରୀ ସଂସ୍ଥାରେ କାର୍ଯ୍ୟ କରୁଥିବା ଗୁଣନିଧି ଜେନାଙ୍କୁ ଆର୍ଥିକ ହେରଫେର ମାମଲାରେ ବାସୁଦେବପୁର ପୋଲିସ କୁଆଖିଆ ଅଞ୍ଚଳରୁ ଗୁରୁବାର ଗିରଫ କରିଛି। ଗୁଣନିଧିଙ୍କ ଘର କୁଆଖିଆ ଥାନା ଅଧୀନ ପ୍ରଥମଖଣ୍ଡି ଗ୍ରାମରେ। ସେ ଉକ୍ତ ସଂସ୍ଥାରେ ସିନିୟର ରିଲେସନ୍‌ସିପ ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ। ଜମାକାରୀଙ୍କଠାରୁ ୪.୮୭ ଲକ୍ଷ ଟଙ୍କା ଆଦାୟ କରି ସଂସ୍ଥାରେ ଜମା କରି ନ ଥିଲେ। ପରେ ସଂସ୍ଥା ପକ୍ଷରୁ ତନାଘନା ହେବା ପରେ ମାତ୍ର ୨୧ ହଜାର ଟଙ୍କା ଜମା ଦେଇଥିବା ଜଣାପଡ଼ିଥିଲା। ସଂସ୍ଥାର ମ୍ୟାନେଜର ମନୋରଞ୍ଜନ ସାହୁ ଥାନାରେ ଅଭିଯୋଗ ମାମଲା (ନଂ ୪୨୧/୨୩) ରୁଜୁ ହୋଇଥିଲା। ଘଟଣାର ତଦନ୍ତକାରୀ ଅଧିକାରୀ ବାସୁଦେବପୁର ଥାନା ଏସ୍‌ଆଇ ଦୀପ୍ତିମଞ୍ଜରୀ ବଡ଼ଜେନା ତାଙ୍କୁ କୁଆଖିଆରୁ ଧରିବାରେ ସଫଳ ହୋଇଛନ୍ତି।

## ଘୁଞ୍ଚିଲା ଟ୍ରକ୍ ମାଲିକଙ୍କ ରାଜପଥ ବନ୍ଦ ନିଷ୍ପତ୍ତି

**ଚମ୍ପୁଆ(ମହେଶ୍ୱର ଦାସ)/କେନ୍ଦୁଝର (ନରେଶ ଚନ୍ଦ୍ର ପଟ୍ଟନାୟକ),୩।୮**

ମିଳିତ ଟ୍ରକ୍ ମାଲିକ ସଂଘ ନିଷ୍ପତ୍ତିକ୍ରମେ ଅଗଷ୍ଟ ୪ ରୁ ଜାତୀୟ ରାଜପଥ ବନ୍ଦ, ଟ୍ରେଲର ଅଟକ ନିଷ୍ପତ୍ତି ୮ ଦିନ ପର୍ଯ୍ୟନ୍ତ ଘୁଞ୍ଚିଥିବା ଜଣାଯାଇଛି। ଏ ନେଇ ଗୁରୁବାର ପୋଲିସ ବିଭାଗ ଓ ଟ୍ରକ୍ ମାଲିକ ସଂଘ ମଧ୍ୟରେ ଅନୁଷ୍ଠିତ ବୈଠକରେ ଏଭଳି ନିଷ୍ପତ୍ତି ହୋଇଛି। ବନ୍ୟା ପରିସ୍ଥିତିକୁ ଦେଖି ଏଭଳି ପଦକ୍ଷେପ ନିଆଯାଇଥିବା ମାଲିକ ସଂଘ ପକ୍ଷରୁ ସୂଚନା ମିଳିଛି। ସୂଚନା ଅନୁଯାୟୀ, ଟ୍ରେଲର ମାଧ୍ୟମରେ ଖଣିଜ ପଦାର୍ଥ ପରିବହନ ଦ୍ୱାରା ସ୍ଥାନୀୟ ଟ୍ରକ୍ ମାଲିକମାନେ କ୍ଷତି ସହୁଛନ୍ତି। ଏ ନେଇ ଟ୍ରେଲର ମାଧ୍ୟମରେ ଖଣିଜ ପଦାର୍ଥ ବନ୍ଦ କରିବା ସହ ଗାଡ଼ିଗୁଡ଼ିକ ସମାନ୍ତରାଳ ଅନୁପାତରେ ପରିବହନ ପ୍ରତିବାଦରେ ୪ ତାରିଖ ବନ୍ଦ ଡାକରା ଦିଆଯାଇଥିଲା। ମିଳିତ ଟ୍ରକ୍ ମାଲିକ ସଂଘ ପକ୍ଷରୁ କେନ୍ଦୁଝର ଜିଲାପାଳ, ଚମ୍ପୁଆ ଉପଜିଲାପାଳ, ଖଣି ମାଲିକ ଓ ପରିବହନ ସଂସ୍ଥାର ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏ ନେଇ ଟ୍ରକ୍ ମାଲିକ ସଂଘ ପକ୍ଷରୁ



ଟ୍ରକ୍ ମାଲିକଙ୍କ ସହ ପୋଲିସ ପ୍ରଶାସନର ଆଲୋଚନା।

ଜାତୀୟ ରାଜପଥ ୫୨୦ ନଂ. ରଘୁଆଳ ସାହିଠାରେ ଶାନ୍ତିପୂର୍ଣ୍ଣ ଧାରଣାର ବ୍ୟବସ୍ଥା ନିଆଯାଇଥିବା ବେଳେ ଦିନକ ପୂର୍ବରୁ ଚମ୍ପୁଆ ଏସ୍‌ଡିପିଓ ବିଜୟ କୁମାର ମଲ୍ଲିକ, ସଦର ଏସ୍‌ଡିପିଓ ମହେନ୍ଦ୍ରନାଥ ମୁର୍ମୁ ଓ ଚମ୍ପୁଆ ଆଇଆଇସି ତ୍ରିନାଥ ସେଠୀ ପ୍ରମୁଖ ଟ୍ରକ୍ ମାଲିକ ସଂଘ କର୍ମକର୍ତ୍ତା ଦେବୁ ପଟ୍ଟନାୟକ, ସୁଶାନ୍ତ ବାରିକ, ରାକେଶ ରୋସନ, ମନୋଜ ମହାନ୍ତ, ରାଜେନ୍ଦ୍ର ବାରିକ ସମେତ ଶତାଧିକ ଟ୍ରକ୍ ମାଲିକଙ୍କ ସହିତ ଆଲୋଚନା କରିଥିଲେ। ୧ ଘଣ୍ଟା ଧରି ଚାଲିଥିବା ଆଲୋଚନାରେ ସାମ୍ପ୍ରତିକ ପରିସ୍ଥିତିରେ ଓଡ଼ିଶା ବନ୍ୟା ପ୍ଲାବିତ ହୋଇଥିବା ବେଳେ ଏହି ନିଷ୍ପତ୍ତିକୁ ଅଗଷ୍ଟ ୧୦ ପର୍ଯ୍ୟନ୍ତ ଘୁଞ୍ଚାଇ ଦେବା ସହ ଉପରିସ୍ଥ ଅଧିକାରୀଙ୍କ ସହ ଆଲୋଚନା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପରେ ଆନ୍ଦୋଳନକୁ ଘୁଞ୍ଚାଇ ଦିଆଯାଇଥିବା ଯୋଡ଼ା ଟ୍ରକ୍ ମାଲିକ ସଂଘ ସମ୍ପାଦକ ସୁଶାନ୍ତ ବାରିକ ସୂଚନା ଦେଇଛନ୍ତି।

## ଭାଙ୍ଗିଲା କାନ୍ଥ, ଅଳ୍ପକେ ବର୍ତ୍ତିଲେ ପରିବାର

କଣ୍ଟିପାଳ,(ସୁଶାନ୍ତ କୁମାର ସାହୁ ): ଲଘୁଚାପ ଜନିତ ବର୍ଷାରେ କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍ କଣ୍ଟିପାଳ ଚମର୍ଦା ଗ୍ରାମର ଦୋଲେନ୍ଦ୍ର ପଲେଇଙ୍କ ଘରର କାନ୍ଥ ଭାଙ୍ଗିଯାଇଛି। ପରିବାର ଲୋକେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଖବର ପାଇ ଆନନ୍ଦପୁର ତହସିଲଦାରଙ୍କ ସହ ଆରଇ ଘଟଣା ସ୍ଥଳରେ ପହଞ୍ଚି ଅନୁଧ୍ୟାନ କରିବା ସହ ପଲିଥିନ ଯୋଗାଇଦେଇଥିବା ଜଣାପଡ଼ିଛି।



## ସଂକ୍ଷେପରେ

### ଲଗାଣ ବର୍ଷାରେ ଭୁଶୁଡ଼ିଲା ଘର

ଗୋପବନ୍ଧୁ ନଗର,୩।୮(ଶାନ୍ତନୁ କୁମାର ମଡୁଆଲ)- ଲଗାଣ ବର୍ଷା ଯୋଗୁ ଗୋପବନ୍ଧୁ ନଗର ବ୍ଲକ ସାଇଁକୁଳା ପଞ୍ଚାୟତ କଣ୍ଟିସାହି ଗ୍ରାମର ଗଣେଶ ମଳିକଙ୍କ ଘର ଭୁଶୁଡ଼ି ପଡିଛି। ଘର ମଧ୍ୟରେ ଥିବା ଆସବାବପତ୍ର ନଷ୍ଟ ହୋଇଛି। ପରିବାର ଲୋକେ ପଡ଼ୋଶୀଙ୍କ ଘରେ ଆଶ୍ରୟ ନେଇଛନ୍ତି। ଖବର ପାଇ ସାଇଁକୁଳା ଆର୍‌ଆଇ ଗୋଲକ ଚନ୍ଦ୍ର ବେହେରା ପରିଦର୍ଶନ କରି ଫେରିଛନ୍ତି। ବିପନ୍ନ ପରିବାରକୁ ସରକାରଙ୍କ ପକ୍ଷରୁ ପଲିଥିନ ଖଣ୍ଡିଏ ଯୋଗାଇ ଦିଆଯାଇଛି। ସେ ଗରିବ ଓ ଦିନ ମଜୁରିଆ ହୋଇଥିବାରୁ ତୁରନ୍ତ ତାଙ୍କୁ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।

### ବର୍ଷାରେ ନଷ୍ଟ ହେଲା ଧାନତଳି

ବନ୍ତ,୩।୮(ହରିନାରାୟଣ ମହାନ୍ତି) : ଲଘୁଚାପ ଜନିତ ବର୍ଷା ଓ କପାଳୀ, ରେବ ନଦୀ ଜଳରେ ଭଦ୍ରକ ଜିଲା ବନ୍ତ ବ୍ଲକର ଶତାଧିକ ହେକ୍ଟର ଚାଷ ଜମି ଜଳମଗ୍ନ ହୋଇଛି। ଧାନ ତଳି ଓ ରୁଆ ଧାନ ନଷ୍ଟ ହୋଇଥିବା ଜଣାଯାଇଛି । ଫଳରେ ଚଳିତ ଖରିଫ ଋତୁ ପାଇଁ ଚାଷ କାର୍ଯ୍ୟ ଆଗେଇ ନେଉଥିବା ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି। ଧାରକରଜ କରି ବିହନ କିଣି ତଳି ପକାଇଥିବା ଓ ଧାନ ରୋଇଥିବା ଚାଷୀମାନେ ଏବେ ମୁଣ୍ଡରେ ହାତ ଦେଇଛନ୍ତି। ତେବେ ରାଜ୍ୟ ସରକାର ଚାଷୀମାନଙ୍କୁ ବିହନ ଯୋଗାଇ ଦେବାକୁ ଟିଲୋ ସରପଞ୍ଚ ସଂଗ୍ରାମ କେଶରୀ ଜେନା ଦାବି କରିଛନ୍ତି।

### ହାତୀ ଭାଙ୍ଗିଲା ଘର

ମୋରଡା,୩।୮(ସ୍ମାରକ ମାଜୀ)- ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ରେଞ୍ଜରେ ହାତୀ ଉପଦ୍ରବ ଜାରି ରହିଛି। ଏହି ରେଞ୍ଜ ଅଧୀନ ରସଗୋବିନ୍ଦପୁର ବ୍ଲକର ସାରୁମୂଳା ପଞ୍ଚାୟତର ଗୋବରା ଗ୍ରାମର ନିତ୍ୟାନନ୍ଦ ବେହେରାଙ୍କ ଘର ହାତୀ ଭାଙ୍ଗିବା ସହିତ ଘରେ ଥିବା ଧାନ, ଚାଉଳ ଖାଇ ନଷ୍ଟ କରିଛନ୍ତି। କ୍ଷତିଗ୍ରସ୍ତ ପରିବାରକୁ ଯଥାଶୀଘ୍ର ସରକାରୀ ସହାୟତା ଯୋଗାଇ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ୯ ପଞ୍ଚାୟତର ୮୬ ଗାଁ ଜଳବନ୍ଦୀ

ଆରଡ଼ି/ଧୂଷୁରୀ, ୩।୮
(ଦୀପ୍ତି ରଞ୍ଜନ ନାୟକ/କପିଳଦେବ ବିଶ୍ୱାଳ)


ବୋଡ଼କଠାରେ ନଦୀବନ୍ଧରେ ବାଲି ବସ୍ତା ଦିଆଯାଇଛି।

ବୈତରଣୀ ନଦୀର ବନ୍ୟାଜଳ ଭଦ୍ରକ ଜିଲାର ଧୂଷୁରୀ ଅଞ୍ଚଳରେ ଗୁରୁବାର ପୂର୍ବାହ୍ନ ୧୧ଟାରେ ପହଁଚିବା ପରେ ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ୯ ପଞ୍ଚାୟତର ୮୬ ଗାଁ ପ୍ରଭାବିତ ହୋଇଥିବା ବେଳେ ଶତାଧିକ ହେକ୍ଟର ଚାଷଜମି ଜଳମଗ୍ନ ହୋଇଯାଇଛି। ଭଦ୍ରକ-ଆରଡ଼ି ରାଜ୍ୟ ରାଜପଥର ସୂର୍ଯ୍ୟପୁର, ଧୂଷୁରୀ, ପାୟାସାହି, ପନ୍ଦରବାଟିଆ ଆଦି ସ୍ଥାନରେ ୬ ଫୁଟ ଉଚ୍ଚତାର ବନ୍ୟାଜଳ ପ୍ରବାହିତ ହେଉଥିବାରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେତେଜଣଙ୍କ ଘରେ ବନ୍ୟାପାଣି ମଧ୍ୟ ପଶିଯାଇଛି। ତୋଟାସାହିଠାରେ ନଦୀବନ୍ଧରେ ଘଳିଆ ପଡ଼ିବାରୁ ପାଳସାହି ପଞ୍ଚାୟତ ଅନ୍ତର୍ଗତ ୫ ଗାଁର ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି। ସେହିପରି ଆରଡ଼ି ଅଞ୍ଚଳରେ ମଧ୍ୟ ବନ୍ୟାଜଳ ପ୍ରବେଶ କରିବାରୁ ୪ ପଞ୍ଚାୟତର ଚାଷଜମି ଜଳମଗ୍ନ ହୋଇଛି। ୨୦ନଂ. ଜାତୀୟ ରାଜପଥର ବୋଡ଼କ ନିକଟରେ ପ୍ରାୟ ୨ ଫୁଟ ଉଚ୍ଚତାରେ ବନ୍ୟାଜଳ ପ୍ରବାହିତ ହେଉଛି। ନଦୀବନ୍ଧରେ ବାଲିବସ୍ତା ଦିଆଯାଇଛି। ଫଳରେ ଆରଡ଼ି- ଯାଜପୁର ଗମନାଗମନ ବାଧାପ୍ରାପ୍ତ ହୋଇଛି ।

## ନିର୍ମାଣ ନ ସରୁଣୁ ଦବିଲା ପୋଲ


ଦବି ଯାଇଥିବା ପୋଲ।

ମୋରଡ଼ା,୩।୮(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ଚିତ୍ରଡ଼ା ପଞ୍ଚାୟତର ଦୋମୁହାଣୀସ୍ଥିତ ଶ୍ମଶାନ ନଦୀଘାଟ ନିକଟରେ ୯ଲକ୍ଷ ୫୦ ହଜାର ଟଙ୍କା ବ୍ୟୟ ଅଟକଳରେ ଏକ ପୋଲି ନିର୍ମାଣ ଚାଲିଛି। ତେବେ ଅତ୍ୟନ୍ତ ନିମ୍ନମାନର କାର୍ଯ୍ୟଯୋଗୁ ନିର୍ମାଣ ନ ସରୁଣୁ ଏହି ପୋଲି ଦବି ଯାଇଥିବା ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଆରମ୍ଭରୁ ଉକ୍ତ ପୋଲର ବେସ୍ ନିର୍ମାଣ କମ୍ ଇଞ୍ଚର ହୋଇଥିବାରୁ ଢ଼ଳେଇ ସମୟରେ ପୋଲର ଗୋଟିଏ ପାର୍ଶ୍ୱ ଦବି ଯାଇଛି । ସେହିପରି ନିର୍ମାଣ କାର୍ଯ୍ୟରେ ନିମ୍ନମାନର ସିମେଣ୍ଟ, ଚିପ୍ସ ଓ ଲୁହା ରଡ୍ ବ୍ୟବହାର କରାଯିବା ସହ ସିମେଣ୍ଟ-ବାଲି ମିଶ୍ରଣର ପରିମାଣ ଠିକ୍ ଭାବରେ ହୋଇନାହିଁ । ଠିକାଦାର ଓ କନିଷ୍ଠ ଯନ୍ତ୍ରୀଙ୍କ ସଲାସୁତରାରେ ଏଭଳି ନିମ୍ନମାନର କାର୍ଯ୍ୟ ହୋଇଥିବା ଗ୍ରାମବାସୀ ଅବିନାଶ ମହାନ୍ତ, ଛୁଟୁ ରଣା, ପ୍ରଶ୍ନଜିତ ଜେନା, ସିପୁନ ରଣା, ଶୁଭ କୁମାର ମହାନ୍ତ ପ୍ରମୁଖ ଅଭିଯୋଗ କରିଛନ୍ତି। ଏସମ୍ପର୍କରେ କନିଷ୍ଠ ଯନ୍ତ୍ରୀ ଉଗ୍ରସେନ ମହାପାତ୍ରଙ୍କୁ ଯୋଗାଯୋଗ କରିବାରୁ ସେ ଫୋନ ଉଠାଇ ନ ଥିବା ବେଳେ ସହକାରୀ ନିର୍ବାହୀ ଯନ୍ତ୍ରୀ ମୋତିଲାଲ ଡୁଙ୍ଗଙ୍କୁ ପଚାରିବାରୁ ପୋଲ ଦବି ଯାଇଥିବା ଘଟଣାକୁ ସ୍ୱୀକାର କରିଛନ୍ତି। ତେବେ ପୋଲ ଦବିବା ସତ୍ତ୍ୱେ କ'ଣ ପାଇଁ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ, ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

## ଔପଦାରେ ବର୍ଷା ପ୍ରଭାବରେ ବ୍ୟାପକ କ୍ଷତି

ଔପଦା, ୩।୮(ଧରିତ୍ରୀ ପଣ୍ଡା)

ବାଲେଶ୍ୱର ଜିଲା ଔପଦା ତଥା ଆଖପାଖ ଅଞ୍ଚଳରେ ଲଘୁଚାପଜନିତ ବର୍ଷା ପ୍ରଭାବରେ ବନ୍ୟାଜଳ ପ୍ରବାହିତ ହୋଇ ବ୍ୟାପକ କ୍ଷତି ଘଟିଛି। ପାହାଡ଼ରୁ ନିର୍ଗତ ବନ୍ୟାଜଳ ବିଭିନ୍ନ ରାସ୍ତା ଭାଙ୍ଗିବା ସହ ବହୁ ଚାଷ ଜମି ଜଳ ମଗ୍ନ ହୋଇଛି। କେତେକ ଗ୍ରାମ ବିଚ୍ଛିନ୍ନ ହୋଇପଡ଼ିବା ଏବଂ ବ୍ଲକ ସଦର ମହକୁମାରେ ଥିବା କେତେକ କାର୍ଯ୍ୟାଳୟରେ ବର୍ଷାପାଣି ପଶିଯାଇଛି। ଏପରିକି ପାଣି ନିଷ୍କାସନ ପାଇଁ ଡ୍ରେନ ବ୍ୟବସ୍ଥା ନ ଥିବାରୁ ଗ୍ରାମର ବହୁ ଲୋକଙ୍କ ଘରେ ବର୍ଷା ପାଣି ପଶିଯାଉଥିବା ଦେଖାଯାଉଛି।

ସୋର ମଙ୍ଗଳପୁର ଭାୟା ବଡ଼ପୋଖରୀ ଔପଦା ମୁଖ୍ୟ ରାସ୍ତାର ବୁଦାଖୁଣ୍ଟା ଗ୍ରାମ ନିକଟରେ ୨୦ଫୁଟ୍‌ର ଊର୍ଦ୍ଧ୍ୱ ଘାଇ ହୋଇଥିବାରୁ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ହୋଇଛି। ସେହିପରି ଏହି ବ୍ଲକ ତଳକିଆ ପଞ୍ଚାୟତ ଚମ୍ପୁର ମାଟିଆସାହି ଗ୍ରାମ ରାସ୍ତା ଭାଙ୍ଗିଯାଇଥିବାରୁ ମାଟିଆସାହି ଗ୍ରାମ ବିଚ୍ଛିନ୍ନ ହୋଇପଡ଼ିଛି। ପାଣି ନିଷ୍କାସନ ପାଇଁ ଡ୍ରେନ୍ ବ୍ୟବସ୍ଥା ନ କରି ଗଣ୍ଡିବେଢ଼ ଔପଦା ମୁଖ୍ୟ ରାସ୍ତା ନିର୍ମାଣ କରାଯାଇଥିବାରୁ ବର୍ଷା ପାଣି ଔପଦା ବନବିଭାଗ ରେଞ୍ଜ କାର୍ଯ୍ୟାଳୟରେ ପଶିଯିବାରୁ କାର୍ଯ୍ୟାଳୟ ପରିସର ବର୍ଷାପାଣି ଲହଡ଼ି ମାରୁଛି। ଏପରିକି କାର୍ଯ୍ୟାଳୟରେ ୪ଫୁଟ୍‌ରୁ ଊର୍ଦ୍ଧ୍ୱ ପାଣି ଜମି ରହିଥିବାରୁ କାର୍ଯ୍ୟାଳୟ ଏକପ୍ରକାର ଅଚଳ ହୋଇ ପଡ଼ିଛି। ବର୍ଷା ଜଳ ପ୍ରଭାବରେ ତଳକିଆ, ଗଡ଼ସାହି, ଅଘିରାପଦା, ବଡ଼ପୋଖରୀ, ରାଇରମଚନ୍ଦ୍ରପୁର ଓ ଫତେପୁର ପଞ୍ଚାୟତରେ ବହୁ ଜମି ଜଳମଗ୍ନ ହୋଇଥିବା ବେଳେ ବହୁ ପରିବାରଙ୍କ ଘରେ ଜଳ ପଶିଯାଇଛି।

## ବନ୍ୟାଞ୍ଚଳ ପରିଦର୍ଶନ କଲେ ଜୟଦେବ

ଆନନ୍ଦପୁର,୩।୮(ସନ୍ତୋଷ ରାଉତ)

କେନ୍ଦୁଜର ଜିଲା ଆନନ୍ଦପୁର ବ୍ଲକ୍ ହରିଡ଼ାପାଳ, ବେଲବାହାଳି ଓ ପଞ୍ଚୁପଲୀ ଆଦି ପଞ୍ଚାୟତକୁ ଗୁରୁବାର ପୂର୍ବତନ ପିସିସି ସଭାପତି ଜୟଦେବ ଜେନା ପରିଦର୍ଶନ କରି ବନ୍ୟାରେ ପ୍ରଭାବିତ ଲୋକଙ୍କ ସ୍ଥିତି ପରଖୀଛନ୍ତି। ବୈତରଣୀରେ ବନ୍ୟାଜଳ ପ୍ରବାହିତ ହେଲେ ପ୍ରାୟ ସମୟରେ ଆନନ୍ଦପୁରର ଏହି ତିନି ପଞ୍ଚାୟତ ପ୍ରଭାବିତ ହୋଇଥାଏ। ଏଥିପାଇଁ ସରକାରଙ୍କ ଦୂରଦୃଷ୍ଟିର ଅଭାବ ଓ ସ୍ଥାନୀୟ ପ୍ରଶାସନର ସ୍ଥାଣୁତା ମୁଖ୍ୟତଃ ଦାୟୀ ବୋଲି ଜୟଦେବ ପ୍ରେସ୍ ମିଟ୍ ଜରିଆରେ ସୂଚନା ଦେଇଥିଲେ। ସମ୍ମିଳନୀରେ ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ହାଡ଼ିବନ୍ଧୁ ଖୁଣ୍ଟିଆ, ବରିଷ୍ଠ କଂଗ୍ରେସ ନେତା ନିକୁଞ୍ଜ ବିହାରୀ ମିଶ୍ର, ଆନନ୍ଦପୁର ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ସଭାପତି ମାନସ ଜେନା, ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ମଣ୍ଟି ଯେନା ପ୍ରମୁଖ ଉପସ୍ଥିତ ରହିଥିଲେ।

## ଘୁସୁରା ପୋଲରୁ ଯୁବକଙ୍କ ମୃତଦେହ ଜବତ

କେନ୍ଦୁଝର,୩।୮(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ତେଲକୋଇ ଥାନା ଅନ୍ତର୍ଗତ ଶିବନାରାୟଣପୁର ଗୋଡ଼ା-ତାଳପଦା ରାସ୍ତାର ହାତୀମୁଣ୍ଡାର ପଥୁରିଆ ନାଳ ଘୁସୁରା ପୋଲର ଜଣେ ଯୁବକଙ୍କ ମୃତଦେହ ଜବତ ହୋଇଛି। ନାଳ ପାର ହେବା ବେଳେ ବୁଡ଼ିଯାଇ ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି। ବୁଧବାର ଦିନ ହୋଇଥିବା ବର୍ଷା ଜନିତ ବନ୍ୟାରେ ତେଲକୋଇ ଅଞ୍ଚଳର ସମସ୍ତ ନଦୀ ନାଳ କରାଳ ରୂପ ଧାରଣ କରିଥିବା ବେଳେ ଏହି ପାହାଡ଼ି ଝରଣା ବି ଦୁଇ କୂଳ ଲଙ୍ଘି ବହୁଥିଲା। ବଢ଼ି ଖସିବା ପରେ ଗୁରୁବାର ସକାଳେ ଛେଳି ଏବଂ ଗୋରୁ ଚରେଇବାକୁ ଯାଇଥିବା ଲୋକେ ନାଳର ଘୁସୁରା ପୋଲରେ ଜଣେ ଯୁବକଙ୍କ ମୃତଦେହ ପଡ଼ିଥିବା ଦେଖିଥିଲେ। ବର୍ତ୍ତମାନ ସୁଦ୍ଧା ମୃତକଙ୍କ ପରିଚୟ ମିଳିପାରିନାହିଁ। ମୃତ ବ୍ୟକ୍ତିଙ୍କ ବୟସ ପ୍ରାୟ ୩୫ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିବା ଜଣାପଡ଼ିଛି।

## ଲଗାଣ ବର୍ଷା ପରେ ରାତିଅଧିଆ ଡ୍ରେନ୍ ସଫେଇ

ବସ୍ତା, ୩।୮(ହରିଶଙ୍କର ପାଢ଼ି)

ବସ୍ତା ଅଞ୍ଚଳରେ ଗତ ଦୁଇଦିନ ଧରି ଲଗାଣବର୍ଷା ଯୋଗୁ ଅଧିକାଂଶ ଡ୍ରେନ୍‌ରେ ଅଳିଆ ଆବର୍ଜନା ଜମି ରହିବା ଯୋଗୁ ରାସ୍ତା ଉପରେ ପାଣି ଚାଲୁଥିବା ଦେଖିବାକୁ ମିଳିଥିଲା। ତେବେ ହଠାତ୍ ରାସ୍ତା ଉପରେ ପାଣି ଚାଲିବା ଦେଖି ପ୍ରଶାସନ ତରଫରୁ ତତ୍ପରତା ପ୍ରକାଶ ପାଇଥିଲା। ବୁଧବାର ରାତି ପ୍ରାୟ ୯ଟା ପରେ ଗୋଟିଏ ଜେସିବି ଏବଂ ୨ଟି ଟ୍ରାକ୍ଟର ସହାୟତାରେ ଡ୍ରେନ୍‌ରୁ ଆବର୍ଜନା ସଫା କରାଯାଇଥିଲା। ତେବେ ବସ୍ତା ବଜାରରେ ଥିବା ଦୋକାନୀମାନେ ନିଜ ନିଜ ବର୍ଜ୍ୟ ପଦାର୍ଥ ଡ୍ରେନ୍‌ରେ ପକାଉଥିବାରୁ ଏବଂ ନିୟମିତ ଭାବେ ସଫା କରାଯାଉନାହିଁ ବୋଲି ଏଭଳି ସମସ୍ୟା ଉପୁଜୁଥିବା ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

## କୃଷି ଯନ୍ତ୍ରପାତି ବିତରଣ ଓ ଖାଦ୍ୟମେଳା



ପାଟଣା ବିଧାୟକ ଜଗନ୍ନାଥ ନାଏକ ଖାଦ୍ୟମେଳା ବୁଲି ଦେଖୁଛନ୍ତି।

କେନ୍ଦୁଝର,୩।୮(ଦୀପକ ମିଶ୍ର/ ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଏକ ଦିବସୀୟ କୃଷିଯନ୍ତ୍ରପାତି ବିତରଣ ଓ ଖାଦ୍ୟମେଳା ଅନୁଷ୍ଠିତ ହୋଇଯାଇଛି। ମେଳାକୁ ମୁଖ୍ୟ ଅତିଥିଭାବେ ପାଟଣା ବିଧାୟକ ତଥା ଯୋଜନାବର୍ଡ ଅଧ୍ୟକ୍ଷ ଜଗନ୍ନାଥ ନାୟକ ଯୋଗଦେଇ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ଡିଏଫଏମ ସହାୟତାରେ କେନ୍ଦୁଝର ଜିଲାରେ ଚାଷ ହେଉଥିବା ପୃଷ୍ଟିଶସ୍ୟରେ ବ୍ୟବହୃତ ହେଉଥିବା ମାଣ୍ଡିଆ ଅମଳଯନ୍ତ୍ର, ମାଣ୍ଡିଆ ଗୁଣ୍ଡ କରୁଥିବା ଯନ୍ତ୍ରକୁ ଚାଷୀଙ୍କ ପାଖରେ ସହଜରେ ଉପଲବ୍ଧ କରାଇବା, ପୃଷ୍ଟିଶସ୍ୟରେ ପ୍ରସ୍ତୁତ ବିଭିନ୍ନ ଖାଦ୍ୟ ଉପରେ ସଚେତନା କରାଯିବା ଏବଂ ମିଲେଟ ମିଶନ ମାଧ୍ୟମରେ ପ୍ରଦାନ କରାଯାଉଥିବା ସୁବିଧା ସୁଯୋଗେ ଉପରେ ଲୋକଙ୍କୁ ସଚେତନା କରାଇବା ମୁଖ୍ୟ ଲକ୍ଷ ରହିଛି। ଏହି ପରିପ୍ରେକ୍ଷୀରେ ବିଧାୟକଙ୍କ ସମେତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ ଯନ୍ତ୍ରପାତି ବଣ୍ଟନ କରାଯାଇଥିଲା। ଏହି ଅବସରରେ ଏକ ଖାଦ୍ୟମେଳାରେ ଆୟୋଜନ ହୋଇଥିଲା।

## ୩୩ କେଭି ବିଦ୍ୟୁତ୍ ତାର ଲାଗି ୩ ଆହତ

ଉଦଳା,୩।୮(ସନ୍ତୋଷ କୁମାର ବାଛିନୀ)

କପ୍ତିପଦାର ବାଲେଶ୍ୱର ଗୋଲେଇ ନିକଟରେ ୩୩ କେଭି ତାର ଲାଗି ୨ ଜଣ ଆହତ ହୋଇଥିବା ବେଳେ ଜଣେ ଗୁରୁତର ହୋଇଛନ୍ତି। ଆହତମାନେ ହେଲେ ସଞ୍ଜୟ କୁମାର ପାତ୍ର, ସୁବ୍ରଜ୍ କୁମାର ପ୍ରଜ୍ଞାସାଗର ଓ ଗାଡି ମାଲିକ ବୀରେନ୍ଦ୍ର ଜେନା। ସ୍ଥାନୀୟ ଲୋକେ ବାଉଁଶ ସାହାଯ୍ୟରେ ସେମାନଙ୍କୁ ଖସାଇ ଦେଇଥିଲେ। ଆହତ ୩ ଜଣଙ୍କୁ ତୁରନ୍ତ ଉଦଳା ଡାକ୍ତରଖାନାକୁ ଚିକିତ୍ସା ନିମନ୍ତେ ନିଆଯାଇଥିଲା।ବୀରେନ୍ଦ୍ରଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି। କପ୍ତିପଦା ପୋଲିସ୍ ପହଞ୍ଚି ଡିଜେ ଗାଡିକୁ ଜବତ କରି ଥାନାକୁ ନେଇଛି।

## ବନ୍ୟା ବିପନ୍ନଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ

ଭଣ୍ଡାରିପୋଖରୀ,୩।୮(ରବିନାରାୟଣ ଖିଲାର )

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ୍ ଦେଇ ଯାଇଥିବା ବୈତରଣୀ ନଦୀରେ ଚଳିତ ବର୍ଷ ବନ୍ୟା ଆସିବା ଯୋଗୁ ୭ ପଞ୍ଚାୟତର ପ୍ରାୟ ୨୦ହଜାରରୁ ଊର୍ଦ୍ଧ୍ୱ ଲୋକ ପ୍ରଭାବିତ ହୋଇଛନ୍ତି। କିଛି ବାସଗୃହରେ ପାଣି ପଶିଯିବା କାରଣରୁ ରୋଷେଇ ପ୍ରାୟତଃ ବନ୍ଦ ହୋଇଯାଇଛି। ଏପରିସ୍ଥଳେ ବିଧାୟକଙ୍କ ପ୍ରତିନିଧି ଇଂ ପ୍ରୟାସକାନ୍ତି ସାମଲ ବନ୍ଦାଳୋ, ମଢ଼ିଆଳି ଓ ଝୁରୁଣା ପଞ୍ଚାୟତକୁ ଯାଇ ବନ୍ୟା ବିପନ୍ନଙ୍କ ସ୍ଥିତି ଅନୁଧ୍ୟାନ କରିଛନ୍ତି। ପାଣି ଘେରରେ ଥିବା ଲୋକଙ୍କୁ ଭେଟିବା ସହ ଶୁଖିଲା ଖାଦ୍ୟ, ପିଇବା ପାଣି, ଓଆରଏସ ଆଦି ଯୋଗାଇ ଦେଇଛନ୍ତି। ଏହାଛଡା ତହସିଲଦାର ଓ ବିଡ଼ିଓଙ୍କ ସହିତ ଆଲୋଚନା କରି ସମ୍ପୂର୍ଣ୍ଣ ଜଳବନ୍ଦୀ ଥିବା ଲୋକମାନଙ୍କ ପାଇଁ ବୋଟ ଏବଂ ଏନ୍‌ଡିଆରଏଫ ଟିମ ଯୋଗାଇ ଦେଇଛନ୍ତି। ବିଧାୟକ ପ୍ରତିନିଧିଙ୍କ ସହିତ ନାଆମୀ ସେବା ସମବାୟ ସମିତି ସଭାପତି ଦୀପ୍ତିସୂର୍ଯ୍ୟ ବିଶ୍ୱାଳ, ସରପଞ୍ଚ ବିଶ୍ୱନାଥ ସାହୁ, ସମିତି ସମ୍ପାଦକ ରାଜେନ୍ଦ୍ର ଖଣ୍ଡାଇ ପ୍ରମୁଖ ଉପସ୍ଥିତ ରହି ବନ୍ୟା ପରବର୍ତ୍ତୀ ସ୍ଥିତି ନେଇ ଆଲୋଚନା କରିଥିଲେ। ବ୍ଲକ୍ ଉପାଧ୍ୟକ୍ଷ ପ୍ରଣୀତକାନ୍ତି ସାମଲ, ଜିଲା ପରିଷଦ ସଭ୍ୟ ଉତ୍କଳ କେଶରୀ ମହାନ୍ତି, ଲକ୍ଷ୍ମୀଧର ସାହୁ, ସାଂସଦଙ୍କ ପ୍ରତିନିଧି ଲଳିତ ରାଉତ ମାଳଦା ଅଞ୍ଚଳ ପରିଦର୍ଶନ କରି ବନ୍ୟା ବିପନ୍ନଙ୍କ ସ୍ଥିତି ଅନୁଧ୍ୟାନ କରିବା ସହ ଶୁଖିଲା ଖାଦ୍ୟ ଯୋଗାଇ ଦେଇଛନ୍ତି। ସେହିଭଳି ବିଜେପି ନେତା ବଦ୍ରିନାରାୟଣ ଧଳ, ପଞ୍ଚାନନ ରାଉତ, କଂଗ୍ରେସ ନେତା ସୁବ୍ରତ ଦାସ, ଗୋଲକ ବେହେରା, ବିଜୟ ଶଙ୍କର ମହାନ୍ତି, ଅଜୟ ସାହୁ ପ୍ରମୁଖ ବନ୍ୟା ବିପନ୍ନଙ୍କ ପାଖରେ ପହଞ୍ଚି ବିଭିନ୍ନ ସାହାଯ୍ୟ ସହଯୋଗ ଯୋଗାଇଛନ୍ତି।

## ଘର, ଚାଷ ବଞ୍ଚାଇବାକୁ ରାସ୍ତା ଖୋଳିଦେଲେ

ପାଟଣା,୩।୮(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଅଞ୍ଚଳରେ ଲଘୁଚାପଜନିତ ଲଗାଣ ବର୍ଷାରେ ବେହାଲ ହୋଇପଡ଼ିବା ସହ ଚାଷ ଜମି, ଘର ଜଳମଗ୍ନ ହୋଇଛି। ଏଭଳି କ୍ଷେତ୍ରରେ ଜଣେ ଚାଷୀ ଘର ଓ ବାଇଗଣ ବାଡ଼ିରୁ ବର୍ଷା ଜଳ ନିଷ୍କାସନ ପାଇଁ ଜେସିବି ସାହାର୍ଯ୍ୟରେ ପ୍ରଧାନମନ୍ତ୍ରୀ ସଡ଼କକୁ ଖୋଳିଦେଇଛନ୍ତି। ପାଟଣା ବ୍ଲକ୍ ବଡ଼ପାଟଣା ପଞ୍ଚାୟତ ପୁରୁଳିଆ ଗ୍ରାମ ଛକରୁ ଜାମୁପଶିକୁ ସଂଯୋଗ କରୁଥିବା ରାସ୍ତାକୁ ସୁରେନ ମହାନ୍ତ ଜେସିବି ଲଗାଇ ଖୋଳି ଦେଇଥିଲେ। ଫଳରେ ରାସ୍ତା ଦେଇ ଜାମୁପଶି, ନୂଆପଡ଼ା, ଝପାସାହି ଓ ପାଟଣା ମୁଖ୍ୟାଳୟକୁ ଯାତାୟାତ କରୁଥିବା ଲୋକେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ରାସ୍ତା ଖୋଳିବା ବେଳେ ଗ୍ରାମର ଏକ ଗୋଷ୍ଠୀ ସୁରେନଙ୍କୁ ବିରୋଧ କରିଥିଲେ। ଏ ନେଇ ଗ୍ରାମବାସୀ ବଡ଼ ପାଟଣା ସରପଞ୍ଚ ବିନତି ବାନରାଙ୍କୁ କାର୍ଯ୍ୟାନୁଷ୍ଠାନ ପାଇଁ ଦାବିପତ୍ର ଦେଇଛନ୍ତି। ତେବେ ପାଟଣା ଅଞ୍ଚଳରେ ତ୍ରୁଟିପୂର୍ଣ୍ଣ ରାସ୍ତା ନିର୍ମାଣ ଯୋଗୁ ଅନେକ ଘର ଜଳବନ୍ଦୀ ହେଉଛି।

## ଟ୍ୟୁଶନ ସାର୍‌ଙ୍କ ବିରୋଧରେ ଏସ୍‌ପିଙ୍କଠାରେ ଅଭିଯୋଗ

ଭଦ୍ରକ,୩।୮(ସନାତନ ରାଉତ)

ଭଦ୍ରକ ଜିଲା ଧୂଷୁରୀ ଥାନା ଅଞ୍ଚଳରେ ଜଣେ ନାବାଳିକା ଛାତ୍ରୀଙ୍କୁ ଟ୍ୟୁଶନ ସାର୍ ପ୍ରେମ ନିବେଦନ କରି ବିଫଳ ହେବାରୁ ଉଠାଇ ନେବାକୁ ଧମକ ଦେଉଛନ୍ତି। ଏ ନେଇ ଗୁରୁବାର ଏସ୍‌ପିଙ୍କଠାରେ ନାବାଳିକାଙ୍କ ମା'ଙ୍କ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଘରୋଇ ସ୍କୁଲର ଶିକ୍ଷକଙ୍କ ପାଖରେ ଟ୍ୟୁଶନ ହେଉଥିବା ବେଳେ ଉକ୍ତ ଶିକ୍ଷକ ନାବାଳିକାଙ୍କୁ ବିଭିନ୍ନ ସମୟରେ ଅଶ୍ଳୀଳ ଇଙ୍ଗିତ କରନ୍ତି। ଘରଲୋକ ଜାଣିବା ପରେ ଟ୍ୟୁଶନ ବନ୍ଦ କରିଦେଇଥିଲେ। ପରେ ସେ ରାସ୍ତାରେ ଅଟକାଇ ଧମକ ଦେବା ସହ ସାଙ୍ଗରେ ପଳାଇଯିବାକୁ ବାଧ୍ୟ କରୁଛନ୍ତି। ବିଭିନ୍ନ ଖରାପ ମେସେଜ୍ ମୋବାଇଲ୍‌କୁ ପଠାଉଛନ୍ତି। ଏନେଇ ଧୂଷୁରୀ ଥାନାରେ ଅଭିଯୋଗ ହୋଇଥିଲେ ମଧ୍ୟ ପୋଲିସ କାର୍ଯ୍ୟାନୁଷ୍ଠାନ ନ ନେବାରୁ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଥିବା ନାବାଳିକାଙ୍କ ମା' କହିଛନ୍ତି।

## ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଇଁ ପ୍ରସ୍ତୁତି ବୈଠକ



ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅଧିକାରୀ।

ବାଲେଶ୍ୱର, ୩।୮(ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲାସ୍ତରୀୟ ସ୍ୱାଧୀନତା ଦିବସ-୨୦୨୩ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଜିଲାପାଳଙ୍କ ସମ୍ମିଳନୀ କକ୍ଷ 'ସଦ୍‌ଭାବନା ସଭାଗୃହ'ରେ ଗୁରୁବାର ଅନୁଷ୍ଠିତ ହୋଇଛି। ବୈଠକରେ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଅଧ୍ୟକ୍ଷତା କରି ସ୍ୱାଧୀନତା ଦିବସ ସମାରୋହର ସୁପରିଚାଳନା ନିମନ୍ତେ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଚଳିତବର୍ଷ ପ୍ରତ୍ୟେକ ବ୍ଲକରୁ ପ୍ରାଥମିକ, ଉଚ୍ଚ ପ୍ରାଥମିକ, ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ବକ୍ତୃତା, ଚିତ୍ରାଙ୍କନ ଓ ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତା ନିମନ୍ତେ ଜିଲାସ୍ତରରେ ଅଂଶଗ୍ରହଣ କରିବା ପାଇଁ ପ୍ରତ୍ୟେକ ବ୍ଲକରୁ ମନୋନୀତ ହୋଇ ଆସିବା ନିମନ୍ତେ ପଦକ୍ଷେପ ନେବାକୁ ଜିଲା ଶିକ୍ଷାଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଥିଲା। ବିଭିନ୍ନ କ୍ଷେତ୍ରରେ ଜିଲା ପାଇଁ ଗୌରବ ଆଣିଥିବା ବିରଳ ପ୍ରତିଭାଙ୍କୁ ଏହି ଅବସରରେ ପୁରସ୍କୃତ କରାଯିବା ଉପରେ ନିଷ୍ପତ୍ତି ନିଆଯାଇଥିଲା। ପ୍ରାତଃ କାଳରେ ରାମଧୁନ୍ ବାଜିବା ଏବଂ ଜିଲାର ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନମାନଙ୍କରେ ପ୍ରଭାତଫେରି ଓ ଜାତୀୟ ପତାକା ଉତ୍ତୋଳନ କାର୍ଯ୍ୟକ୍ରମ ସକାଳ ୭ଟା ୩୦ମିନିଟ୍ ସୁଦ୍ଧା ଶେଷ କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ପୌରପାଳିକା ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ଥିବା ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ସକାଳେ ମାଲ୍ୟାର୍ପଣ କରାଯିବ। ପୂର୍ବାହ୍ନ ୯ଟା ୧୫ମିନିଟ୍ ସମୟରେ ପୋଲିସ ଲାଇନ୍ ପଡ଼ିଆରେ ଜିଲାସ୍ତରୀୟ ଉତ୍ସବରେ ଦିବସର ମୁଖ୍ୟଅତିଥି ଜାତୀୟ ପତାକା ଉତ୍ତୋଳନ କରିବା ସହିତ ସାମୂହିକ ପରେଡ୍‌ର ଅଭିବାଦନ ଗ୍ରହଣ କରିବେ। ପରେଡ ପରେ ଅତିଥିଙ୍କ ଦ୍ୱାରା ବାହାନଗା ରେଳ ଦୁର୍ଘଟଣା ଉଦ୍ଧାର କାର୍ଯ୍ୟରେ ଯୋଗ ଦେଇଥିବା ବିଭିନ୍ନ ସ୍ୱେଚ୍ଛାସେବୀ, ଭାରତୀୟ ତଥା ଓଡ଼ିଶା ପ୍ରଶାସନିକ ସେବା ଭଳି ଜାତୀୟ ସ୍ତରର ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଥିବା ଛାତ୍ରୀଛାତ୍ର, କ୍ରୀଡ଼ା କ୍ଷେତ୍ରରେ ଜାତୀୟ ତଥା ଅନ୍ତର୍ଜାତୀୟସ୍ତରରେ ଅଂଶଗ୍ରହଣ କରିଥିବା କ୍ରୀଡ଼ାବିତ୍ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯିବ। ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସ, ବାଲେଶ୍ୱର ପୌରାଧ୍ୟକ୍ଷା ସବିତା ସାହୁ, ଡିଏଫ୍‌ଓ ଖୁସୱନ୍ତ ସିଂହ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦୁଲାଳସେନ ଜଗଦ୍ଦେବ, ଏଇଓ ରବୀନ୍ଦ୍ର କୁମାର ମଲ୍ଲିକ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ ମଞ୍ଚାସୀନ ଥିଲେ। ଅତିରିକ୍ତ ଜିଲାପାଳ ସୁଧାକର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।


## ନିଖୋଜ ବାଳିକା ବିଷୟରେ

ଗତ ତା୨୯.୦୭.୨୦୨୩ରିଖ ସନ୍ଧ୍ୟା ସମୟରେ ପୁରୀ ସମୁଦ୍ରକୂଳ ବଟୀଖୁଣ୍ଟ ନିକଟରୁ ଅଢେଇ ବର୍ଷ ବୟସର ଏକ ଶିଶୁ କନ୍ୟା ନିଖୋଜ ହୋଇଯାଇଛି ।

ନାମ-ରାଧା ମଲ୍ଲିକ
ବୟସ-୨ ବର୍ଷ ୬ ମାସ
ଉଚ୍ଚତା-ତିନି ଫୁଟ
ରଙ୍ଗ- ଶ୍ୟାମଳ
ପୋଷାକ- ଗୋଲାପି ଶାର୍ଟ



କେହି ସହୃଦୟ ବ୍ୟକ୍ତି ଏ ଛୋଟ ଝିଅଟିର ସନ୍ଧାନ ପାଇଲେ ବଳିଆପଣ୍ଡା ଥାନାର ନମ୍ବର 9438916313 କିମ୍ବା ତଦନ୍ତକାରୀ ଅଫିସର 9437390096ରେ ଜଣେଇବାକୁ ଅନୁରୋଧ ।

## ଭାରତ ସରକାର / भारत सरकार
## ଆୟୁଷ ମନ୍ତ୍ରଣାଳୟ / आयुष मंत्रालय

ରାଷ୍ଟ୍ରୀୟ ଧନ୍ୱନ୍ତରୀ ଆୟୁର୍ବେଦ ପୁରସ୍କାର, ୨୦୨୩ ନିମନ୍ତେ ଆୟୁର୍ବେଦ ବିଶେଷଜ୍ଞମାନଙ୍କଠାରୁ ଦରଖାସ୍ତ/ନାମାଙ୍କନ ଆହ୍ୱାନ କରାଯାଉଛି । ଆୟୁଷ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଏହି ପୁରସ୍କାରକୁ ଭାରତୀୟ ଔଷଧ କେନ୍ଦ୍ରୀୟ ପରିଷଦ ଅଧିନିୟମ, ୧୯୭୦ର ଅନୁସୂଚୀ II, III, IVରେ ଅନ୍ତର୍ଭୁକ୍ତ ଯୋଗ୍ୟତାଧାରୀ ତଥା ଆୟୁର୍ବେଦ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରହିଥିବା ଆୟୁର୍ବେଦ ବିଶେଷଜ୍ଞଙ୍କୁ ପ୍ରଦାନ କରାଯାଇଥାଏ । ଧନ୍ୱନ୍ତରୀ ଜୟନ୍ତୀ (ଧନ୍‌ତେରସ) ଦିନ ପାଳିତ ହେବାକୁ ଥିବା ୮ମ ଆୟୁର୍ବେଦ ଦିବସ ଅବସରରେ ପୁରସ୍କୃତଙ୍କୁ ସମ୍ମାନିତ କରାଯିବ। ବିବରଣୀ ସ୍ୱରାଷ୍ଟ୍ର ବ୍ୟାପାର ମନ୍ତ୍ରଣାଳୟ, ଭାରତ ସରକାରଙ୍କ ରାଷ୍ଟ୍ରୀୟ ପୁରସ୍କାର ପୋର୍ଟାଲ http://awards.gov.inରେ ଉପଲବ୍ଧ ଅଟେ । ଦରଖାସ୍ତ/ନାମାଙ୍କନ ୧୫ ସେପ୍ଟେମ୍ବର, ୨୦୨୩ ସୁଦ୍ଧା ଦାଖଲ କରାଯିବା ଆବଶ୍ୟକ ।
cbc 17201/11/0006/2324

## OFFICE OF THE ROURKELA MUNICIPAL CORPORATION: ROURKELA
## INVITATION FOR BID
**No.9256, Dated 03.08.2023**
**Bid Identification No. :- MC/RMC/18/2023**

**No.C-974:** The Municipal Commissioner, Rourkela Municipal Corporation on behalf of Rourkela Municipal Corporation invites bids for works on percentage rate basis in Double cover on online Mode. Bid Identification No. MC/RMC/18/2021 for 01 no. Civil work with value of Rs. 67.70 lakh.
1. Bid documents will be available in website **www.tendersorissa.gov.in** from 03.08.2023.
2. Bids must be submitted on "online" on or before **14.08.2023 by 17.00 hours**
3. Bids shall be opened at **11.00 hours on 16.08.2023** in the office of the undersigned in the presence of the bidders or their authorized agents.
4. Other details will be available in the website tendersorissa.gov.in.

Sd./- Municipal Commissioner
Rourkela Municipal Corporation
OIPR-13131/11/0034/2324

## The Odisha Small Industries Corporation Ltd.
(A Government of Odisha Undertaking)
*(An ISO:9001:2008 certified Govt. Company)*
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No. CAD-1526 OSIC GST No. 21AAACO2101M1Z1

## TENDER CALL NOTICE

Tender Notice No.3840/RE/OSIC Dt.02.08.2023

The Managing Director, OSIC Ltd., Cuttack invites tender from experienced MSMEs duly empanelled with OSIC for execution of work **"Supply, installation and commissioning of weighbridge at different yard under R.M.C. Junagarh"**. Tender details can be downloaded from the OSIC website www.osicltd.in . Authority reserves the right to accept or reject any or all tenders without assigning any reason thereof or the tendering process may be cancelled in Toto. Any corrigendum/ changes/ modifications will appear in OSIC Ltd. website www.osicltd.in only.

Sd/-
GENERAL MANAGER(O)
OIPR-14073/11/0045/2324

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୪ ଅଗଷ୍ଟ ୨୦୨୩



## ପାଣିରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

ମୋରଡ଼ା,(ସ୍ମାରକ ମାଜୀ): ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ଅଧୀନ ମୋରଡ଼ା ଗ୍ରାମରେ ପାଣିରେ ବୁଡ଼ି ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଗଜେନ୍ଦ୍ର ପାତ୍ର। ସୂଚନା ଅନୁଯାୟୀ, ଗଜେନ୍ଦ୍ର ଘର ପଛପଟେ ଥିବା ପୋଖରୀ ପାଖକୁ ଯାଇଥିବା ବେଳେ ଗୋଡ଼ ଖସି ପାଣିରେ ପଡ଼ି ଯାଇଥିଲେ। କିଛି ସମୟ ପରେ ପରିବାର ଲୋକେ ତାଙ୍କୁ ପାଣିରୁ ମୃତ ଅବସ୍ଥାରେ ଉଦ୍ଧାର କରିଥିଲେ।

# ମୁଖ୍ୟ କାର୍ଯ୍ୟାଳୟ ନ ଛାଡ଼ିବାକୁ ପରାମର୍ଶ

## ତିହିଡ଼ିରେ ବନ୍ୟା ମୁକାବିଲା ପାଇଁ ପ୍ରସ୍ତୁତି


ବନ୍ୟା ମୁକାବିଲା ପାଇଁ ଅନୁଷ୍ଠିତ ପ୍ରସ୍ତୁତି ବୈଠକ।

ତିହିଡି,୩।୮(ସଞ୍ଜିତ୍ ବଳ)

ଭଦ୍ରକ ଜିଲା ତିହିଡ଼ି ପଞ୍ଚାୟତ ସମିତି ସଭାଗୃହରେ ବ୍ଲକ ଅଧକ୍ଷା ଅବନ୍ତୀ ଦାସଙ୍କ ପୌରୋହିତ୍ୟରେ ଗୁରୁବାର ସମ୍ଭାବ୍ୟ ବନ୍ୟା ମୁକାବିଲା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବନ୍ୟା ପରିସ୍ଥିତିରେ ମୁଖ୍ୟ କାର୍ଯ୍ୟାଳୟ ଛାଡ଼ି ନ ଯିବାକୁ ବିଭିନ୍ନ ବିଭାଗର ଅଧିକାରୀମାନଙ୍କୁ ବୈଠକରେ ପରାମର୍ଶ ଦିଆଯାଇଛି। ଗୁରୁବାର ରାତି ସୁଦ୍ଧା ବନ୍ୟାଜଳ ତିହିଡ଼ି ବ୍ଲକ ଅଞ୍ଚଳରେ ପହଞ୍ଚିବାର ସମ୍ଭାବନା ରହିଛି। ବ୍ଲକର ବାରୋ, ବିଲଣା, ବୋଡ଼କ, ତଳଗୋପବିନ୍ଧା, କୁବେରା, କାଁପଡ଼ା, ଶ୍ୟାମସୁନ୍ଦରପୁର, ବାରସର ଓ ଗୋବିନ୍ଦପୁର ପଞ୍ଚାୟତ ବନ୍ୟାରେ ପ୍ରଭାବିତ ହେବାର ସମ୍ଭାବନା ରହିଛି। ତେଣୁ ପରିସ୍ଥିତି ଯେକୌଣସି ମୁହୂର୍ତ୍ତରେ ଗମ୍ଭୀର ହେବାର ଆଶଙ୍କା ଥିବାରୁ ସ୍ୱତନ୍ତ୍ର ଟିମ୍ ଗଠନ କରି ଏଥିପ୍ରତି ସଜାଗ ରହିବାକୁ ପରାମର୍ଶ ଦିଆଯାଇଛି। କୌଣସି ଗ୍ରାମରେ ବନ୍ୟା ଜଳ ପ୍ରବେଶ କରିବା ମାତ୍ରେ ବିପନ୍ନମାନଙ୍କୁ ନିକଟସ୍ଥ ବାତ୍ୟା ଆଶ୍ରୟସ୍ଥଳ କିମ୍ବା ସ୍କୁଲକୁ ସ୍ଥାନାନ୍ତର କରିବାକୁ ବିଡିଓ ଜ୍ୟୋତିର୍ମୟ କର ପରାମର୍ଶ ଦେଇଛନ୍ତି। ଉଦ୍ଧାର କାର୍ଯ୍ୟରେ ଅଗ୍ନିଶମ ବିଭାଗ ଓ ଓଡ୍ରାଫ ଟିମ୍‌କୁ ସହଯୋଗ କଲେ ବିପନ୍ନମାନେ ଠିକ୍ ଭାବେ ଥଇଥାନ ହୋଇପାରିବେ ବୋଲି ତହସିଲଦାର ପ୍ରତୀକ ସାହୁ ସୂଚନା ଦେଇଥିଲେ। ବନ୍ୟା ପରିସ୍ଥିତିର ଅନୁଧ୍ୟାନ କରିବାକୁ ୨ଟି ଟିମ୍ ଗଠନ କରାଯାଇଛି। ମୁଖ୍ୟ କାର୍ଯ୍ୟାଳୟରେ ଆକାଉଣ୍ଟସ ଅଫିସର ସୌମ୍ୟାନନ୍ଦନ ପଟ୍ଟନାୟକ ରହିବେ। ଜରୁରୀକାଳୀନ ପରିସ୍ଥିତିରେ ମୁଖ୍ୟ କାର୍ଯ୍ୟାଳୟ ସହ ମୋବାଇଲ ନମ୍ବର ୯୯୩୭ ୪୮୧୧୫୮ରେ ଯୋଗାଯୋଗ କରିବାକୁ ସମସ୍ତଙ୍କୁ ସୂଚନା ଦିଆଯାଇଛି। ପ୍ରଭାବିତ ଆଶଙ୍କା ଥିବା ୯ ପଞ୍ଚାୟତରେ ୪୦ ଜଣ ଆପଦ ମିତ୍ର ସଜାଗ ଥିବା ସାମାଜିକ କର୍ମୀ ରଞ୍ଜୁଲତା ଗାହାଣ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏବିଡିଓ ମାନସ କୁମାର ସାହୁ, ବିଦ୍ୟୁତ୍ ବିଭାଗର ଏସ୍‌ଡିଓ ସୀତାକାନ୍ତ ପଣ୍ଡା, ସହକାରୀ ନିର୍ବାହୀ ଯନ୍ତ୍ରୀ ଟିକଚାନ୍ଦ କାଲୋ, ପଞ୍ଚାୟତ ଅଧିକାରୀ ନିହାର ରଞ୍ଜନ ରାଉତ, ଜଳପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ଖଗେନ୍ଦ୍ର ପ୍ରସାଦ ବେହେରା ଓ ମାନସୀ ମହାପାତ୍ର, ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ଡା. ନିରାକାର ଜେନା, ଆଗ୍ନିକ ଆଲୋକଦେବ ଗୋସ୍ୱାମୀ, ତିହିଡ଼ି ଥାନା ଏଏସ୍‌ଆଇ କମଳାକାନ୍ତ ଶତପଥୀ, କୃଷି ବିଭାଗ ବିଟିଏମ୍ ରଞ୍ଜିତ ସାହୁ, ଏବିଇଓ ରତ୍ନାକର ସାହୁଙ୍କ ସମେତ କନିଷ୍ଠ ଯନ୍ତ୍ରୀ, ପିଇଓ ଏବଂ ଜିଆରଏସ୍ ।ନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ବୈତରଣୀ ବନ୍ୟାକୁ ନେଇ ଚିନ୍ତାରେ ଚାଷୀ

ଚାନ୍ଦବାଲି,୩।୮(ଅଶୋକ ପଣ୍ଡା)

ଅନିୟମିତ ବୃଷ୍ଟିପାତ କାରଣରୁ ଚଳିତ ଖରିଫ ଋତୁରେ ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକର ପ୍ରାୟ ସମସ୍ତ ଅଞ୍ଚଳରେ ଚାଷକାମ ପଛେଇ ଯାଇଛି। ମୋଟ ୩୩ ହଜାର ୭୦ ହେକ୍ଟର ଜମିରେ ଖରିଫ ଧାନ ଚାଷ ହେବାକୁ କୃଷି ବିଭାଗ ଆକଳନ କରିଥିବା ବେଳେ ଜୁଲାଇ ମାସ ଶେଷସୁଦ୍ଧା ପ୍ରାୟ ୪ ହଜାର ୮ଶହ ୫୫ ହେକ୍ଟର ଜମିରେ ଧାନଚାଷ ଶେଷ ହୋଇଥବା ଜଣାପଡ଼ିଛି। ଖରିଫଋତୁର ମେ ଓ ଜୁନ୍ ଦୁଇ ମାସରେ ସାଧାରଣ ବୃଷ୍ଟିପାତଠାରୁ ପ୍ରାୟ ୯୩ ମି.ମି. କମ୍ ବର୍ଷା ପ୍ରାଥମିକ କୃଷିକାମ ମୁଖ୍ୟତଃ ତଳି ପକାଇବାକୁ ବହୁଳ ଭାବରେ ପ୍ରଭାବିତ କରିଛି। ଜୁଲାଇ ମାସରେ ସାଧାରଣ ବୃଷ୍ଟିପାତଠାରୁ ୧୦୯ ମି.ମି. ଅଧିକ ବର୍ଷା ଚାଷୀଙ୍କୁ ସହାୟକ ହୋଇଥିବା ବେଳେ ଅଧିକ ବର୍ଷା ବନ୍ୟାର ଆଶଙ୍କା ବଢ଼ାଇଛି। ବନ୍ୟାକୁ ନେଇ ଚାନ୍ଦବାଲି ବ୍ଲକର ତଳିଆ ଅଞ୍ଚଳ ଓ ଜଳଦେଶର ଚାଷୀ ଚିନ୍ତାରେ ପଡ଼ିଛନ୍ତି। ଶୁକ୍ରବାର ସନ୍ଧ୍ୟାସୁଦ୍ଧା ବୈତରଣୀ ନଦୀର ବନ୍ୟାଜଳ ଚାନ୍ଦବାଲି ବ୍ଲକ ତଳିଆ ଅଞ୍ଚଳର ଚାଷ ଜମିରେ ପ୍ରବେଶ କରିବା ଆଶଙ୍କା ରହିଥିବା ବଡସିଂହପୁରର ଚାଷୀ ଭାସ୍କର ବେରା କହିଛନ୍ତି।

## ବନ୍ୟାରେ ଫସିଥିବା ଯୁବକ, ୩୦ ଛେଳି ଉଦ୍ଧାର


ମନୋଜଙ୍କୁ ଉଦ୍ଧାରକରି ପାୱାର ବୋଟ୍‌ରେ ଅଣାଯାଉଛି।

### ରାତି ସାରା ପାଣି ଭିତରେ ଥିଲେ

ଧାମନଗର,୩।୮(ଦେବେନ୍ଦ୍ର ଆଦିଆ)

ବୈତରଣୀ ନଦୀରେ ବନ୍ୟା ଆସିବାରୁ ଧାମନଗର ବ୍ଲକ୍ ଆନନ୍ଦପୁର ପଞ୍ଚାୟତର ଜଣେ ଯୁବକ ଓ ୩୦ ଛେଳି ଫସି ରହିଥିଲେ। ଖବର ପାଇ ବନ୍ୟା ପାଇଁ ନିୟୋଜିତ ଦମକଳ କର୍ମଚାରୀ ଛେଳି ଓ ଯୁବକଙ୍କୁ ଉଦ୍ଧାର କରିଛନ୍ତି। ପ୍ରକାଶ ଯେ, ଧାମନଗର ବ୍ଲକ୍ ଆନନ୍ଦପୁର-ଯାଜପୁର ରାସ୍ତାର ଦାଣ୍ଡକୂଳ ନିକଟସ୍ଥ ଅବଧୂତ ଆଶ୍ରମ ନିକଟରେ ଚମ୍ପାବାଗ ଗ୍ରାମର ମନୋଜ ପଲାଇ ଛେଳିଚାଷ କରନ୍ତି। ବୁଧବାର ବୈତରଣୀ ବନ୍ୟା ଫଳରେ ୩୦ ଛେଳି ସହ ସେ ବନ୍ୟା ପାଣିରେ ଫସି ରହିଥିଲେ। ଗୁରୁବାର ସକାଳୁ ବନ୍ୟାଜଳ ଦେଖି ଉଦ୍ଧାର ପାଇଁ ଏକ ଭିଡିଓ କରି ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ। ପ୍ରଶାସନ ଓ ସ୍ଥାନୀୟ ଯୁବ ବିଧାୟକ ସୂର୍ଯ୍ୟବଂଶୀ ସୂରଜଙ୍କ ଉଦ୍ୟମ ଯୋଗୁ ଦମକଳ ବାହିନୀର କର୍ମଚାରୀ ପାୱାର ବୋଟ୍ ନେଇ ମନୋଜଙ୍କ ପାଖରେ ପହଞ୍ଚି ଛେଳି ସହିତ ମନୋଜଙ୍କୁ ଉଦ୍ଧାର କରିବାରେ ସକ୍ଷମ ହୋଇଥିଲେ।

## ଭଣ୍ଡାରିପୋଖରୀ-ଯାଜପୁର ଯାତାୟାତ ବ୍ୟାହତ

### ଶତାଧିକ ହେକ୍ଟର ଧାନ ଫସଲ ନଷ୍ଟ

ଭଣ୍ଡାରିପୋଖରୀ, ୩।୮
(ରବିନାରାୟଣ ଖିଲାର)

ବୈତରଣୀ ନଦୀରେ ବନ୍ୟା ଜଳ ହ୍ରାସ ପାଇଥିଲେ ମଧ୍ୟ ବିପଦ ସଂକେତ ଉପରେ ପ୍ରବାହିତ ହେଉଛି । ଖପିରିଆପଦା ନିକଟସ୍ଥ କରଞ୍ଜଗଡିଆଠାରେ ରାସ୍ତା ଉପରେ ବନ୍ୟା ଜଳ ପ୍ରବାହିତ ହେଉଥିବାରୁ ଯାଜପୁର-ଭଣ୍ଡାରିପୋଖରୀ ଯାତାୟତ ବ୍ୟାହତ ହୋଇଛି। ବନ୍ୟା ଜଳ କଣ୍ଟିଘାଇ ଦେଇ ମାଳଦା, ଷୋଳମପୁର, ନପଙ୍ଗ, ଝୁଟୁଣା, ବନ୍ଦୋଳ -ମଢିଆଳି ଆଦି ପଞ୍ଚାୟତରେ ପ୍ରବେଶ କରିଛି। ଶତାଧିକ ହେକ୍ଟର ଚାଷ ଜମି ଜଳମଗ୍ନ ହୋଇ ବ୍ୟାପକ ଧାନ ଫସଲ ନଷ୍ଟ ହୋଇଛି। ରହଣିଆ, କୁରିଙ୍ଗା, ବାଲିପୋଖରୀ ପଞ୍ଚାୟତର କେତେକ ଅଞ୍ଚଳ ଜଳମଗ୍ନ ହୋଇଛି। ମାଳଦା ପଞ୍ଚାୟତର ଶାରଣା, ଜଳହରି, ଚତୁର୍ଭୁଜପୁର, କଲ୍ୟାଣପୁର ମାଳଦା, ବଡ଼ ମାଳଦା, ରାମପୁର, ତିଆଡ଼ି ସାହି ଗ୍ରାମବାସୀ ଅଦ୍ୟାବଧି ଜଳଘେରରେ ଅଛନ୍ତି। ସେହିପରି ଷୋଳମପୁର ପଞ୍ଚାୟତର ବାହାଣିଆ ଜେନାସାହି, ନୂଆପଡା, ଟାଙ୍ଗୁଆ, ଖପୁରିଆପଦା, ବିରୋଳି ଆଦି ଗ୍ରାମବାସୀ ଜଳବନ୍ଦୀରେ ଅଛନ୍ତି। ନପଙ୍ଗ ପଞ୍ଚାୟତର ଜୋରଗଡିଆ, ଭାଟଣା, ଗିଲପଦୀ, ନପଙ୍ଗ, ବନ୍ଦୋଳ-ମଢିଆଳି , ଝୁଟୁଣା ଗ୍ରାମବାସୀ ଜଳାଘେରରେ ଅଛନ୍ତି। ବ୍ଲକ ଉପାଧ୍ୟକ୍ଷ ପ୍ରଣତିକାନ୍ତ ସାମଲ, ଜିଲା ପରିଷଦ ସଭ୍ୟ ଉତ୍କଳ କେଶରୀ ମହାନ୍ତି, ପ୍ରାକ୍ତନ ସମିତିସଭ୍ୟ ନୃସିଂହ ଚରଣ ଖିଲାର, ଯୁବ ନେତା ପ୍ରତ୍ୟୁଷ ସାମଲ, ଭାଗିରଥି ପରିଡା ପ୍ରମୁଖ ରାମପୁର ଗ୍ରାମରେ ଚୁଡା, ବିସ୍କୁଟ, ପାଣି ବୋତଲ, ଔଷଧ ଆଦି ବଣ୍ଟନ କରିଛନ୍ତି। ଭାଜପା ନେତା ବଦ୍ରି ନାରାୟଣ ଧଳ ବନ୍ୟା ପାଇଁ ଜିଲା ପ୍ରଶାସନକୁ ଦାୟୀ କରି ବର୍ଷା ଦିନ ପୂର୍ବରୁ କଣ୍ଟିଘାଇ ମରାମତି କରା ନ ଯିବାରୁ ଏହି ଦୁର୍ଦ୍ଦଶା ଭୋଗିବାକୁ ପଡିଲା ବୋଲି କହିଛନ୍ତି। କଂଗ୍ରେସ ନେତା ସୁବ୍ରତ ଦାସ ମଧ୍ୟ ବନ୍ୟା ପ୍ରପୀଡ଼ିତଙ୍କୁ ଭେଟିଛନ୍ତି।

## ରିଲିଫ୍ ବଣ୍ଟନକୁ ନେଇ ଉତ୍ତେଜନା

କେନ୍ଦୁଝର,୩।୮(ନରେଶ ଚନ୍ଦ୍ର ପଟ୍ଟନାୟକ)

ଲଘୁଚାପ ଜନିତ ପ୍ରବଳ ବର୍ଷା ଯୋଗୁ ଜିଲାର ତଳିଆ ଅଞ୍ଚଳ ଆନନ୍ଦପୁର ଉପଖଣ୍ଡରେ ବନ୍ୟା ପରିସ୍ଥିତି ଉପୁଜିଛି। ପ୍ରଶାସନ ପକ୍ଷରୁ ପ୍ରଭାବିତ ଲୋକଙ୍କୁ ସୁରକ୍ଷିତ ସ୍ଥାନରେ ରଖିବା ସହ ରିଲିଫ ସାମଗ୍ରୀ ବଣ୍ଟନ କରାଯାଉଛି। ତେବେ ବୁଧବାର ଟୁକୁଣା ସାଉଁତସାହିରେ ବନ୍ୟାପାଣି ପଶି କିଛି ଘର ପାଣିଘେରରେ ପ୍ରଭାବିତ ହୋଇଥିବାରୁ ସ୍ଥାନୀୟ ଜିଲା ପରିଷଦ ସଭ୍ୟା ଅସୀମ ମିଶ୍ର ଖବର ପାଇ ପ୍ରଶାସନଙ୍କୁ ଜଣାଇଥିଲେ। ପରେ କିଛି ରିଲିଫ ସାମଗ୍ରୀ ପ୍ରଶାସନ ପଠେଇଥିଲା। ମାତ୍ର ରିଲଫ୍ ସାମଗ୍ରୀକୁ ପୂର୍ବତନ ସରପଞ୍ଚ ରିଲିଫ ସାମଗ୍ରୀ ଏକ ଘରେ ତାଲା ପକାଇ ରଖିବାରୁ ଅସନ୍ତୋଷ ଦେଖାଦେଇଥିଲା। ଖବର ପାଇ ସଭ୍ୟା ଘଟଣା ସ୍ଥଳକୁ ପହଞ୍ଚି ତାଲା ଖୋଲି ସେଠିକାର ୱାର୍ଡମେମ୍ବରଙ୍କ ସହିତ ମିଶି ରିଲିଫ ସାମଗ୍ରୀ ବଣ୍ଟନ କରିଦେଲେ। ଏହି ସମୟରେ ସରପଞ୍ଚଙ୍କ ସ୍ୱାମୀ ଓ ଜଣେ ଚେୟାରମ୍ୟାନଙ୍କ ସ୍ୱାମୀ କିଛି ଅସାମାଜିକ ଲୋକଙ୍କୁ ଆଣି କାହିଁକି ରାତିରେ ବଣ୍ଟାଯିବ ବୋଲି କହି ସଭ୍ୟାଙ୍କୁ ଗାଳିଗୁଲଜ କରିଥିବା ଜିଲାପାଳଙ୍କୁ ଅଭିଯୋଗ କରିଛନ୍ତି। ବିଭ୍ରାଟ କରୁଥିବା ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।


ରାଜପଥରେ ପଡ଼ିଥିବା ୨ ବୃହତ୍ ପଥର।

## ପୁଣି ଜୁଡ଼ିଆଘାଟିରୁ ଖସିଲା ପଥର

### ସୂଚନା ଫଳକ ନାହିଁ, ସ୍ଥାୟୀ ପ୍ରତିକାର ହେଉନି

କେନ୍ଦୁଝର,୩।୮(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସହର ସୀମା ଏନ୍‌ଏଚ୍ ୪୯ ଜୁଡ଼ିଆଘାଟି ରାସ୍ତାରେ ପୁଣି ପଥର ଅତଡ଼ା ଖସିଛି। ଗୁରୁବାର ଦୁଇଟି ବଡ଼ ପଥର ଖସି ରାସ୍ତା ମଝିରେ ପଡ଼ିଥିଲା। ଫଳରେ କିଛି ଘଣ୍ଟା ଧରି ବାମ ପାର୍ଶ୍ୱ ରାସ୍ତାରେ ଯାତାୟାତ ବନ୍ଦ ରହିଥିଲା। ସେହି ସମୟରେ କୌଣସି ଯାନବାହନ ଯାଉ ନ ଥିବାରୁ ବଡ଼ ବିପଦ ଟଳିଯାଇଛି।

ପ୍ରକାଶ ଯେ, ଉକ୍ତ ରାସ୍ତା କୋଲକତା-ମୁମ୍ବାଇକୁ ସଂଯୋଗ କରୁଥିବାରୁ ଦୈନିକ ହଜାର ହଜାର ସଂଖ୍ୟାରେ ମାଲବାହୀ ଟ୍ରକ୍, ଟ୍ରେଲର, ବସ୍ ଆଦି ଯାତାୟାତ କରିଥାଏ। ଏଣୁ ହଠାତ୍ ସାଇଡ୍‌ରୁ ପଥର ଖସିଲେ ବଡ଼ ଦୁର୍ଘଟଣା ଘଟିବା ଆଶଙ୍କା ରହୁଛି। ବୁଧବାର ଭୂସ୍ଖଳନ ହୋଇଥିବା ବେଳେ ଗୁରୁବାର ପୁଣି ବିରାଟ ପଥର ଖସିଛି। ଖବରପାଇ ପ୍ରଶାସନ ରାସ୍ତାରୁ ପଥର ହଟାଇବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ତେବେ ଅନେକ ସମୟରେ ଘାଟିରେ ପଥର ଖସୁଥିଲେ ମଧ୍ୟ ସ୍ଥାୟୀ ପ୍ରତିକାର ବ୍ୟବସ୍ଥା କରାଯାଉନାହିଁ କିମ୍ବା ସେଠାରେ ସତର୍କତା ସୂଚନା ଫଳକ ମଧ୍ୟ ଲଗାଯାଉନାହିଁ। ଯେଉଁ ପାର୍ଶ୍ୱରେ ପଥର ଖସୁଛି ସେହି ରାସ୍ତାରେ ଗାଡ଼ି ଘାଟି ଉପରକୁ ଚଢ଼ିଥାଏ। ଏଣୁ ଭାରିଯାନଗୁଡ଼ିକ ଗୋଟିଏ ବେଗରେ ଘାଟିରାସ୍ତା ଉଠିଥାନ୍ତି। ଏଭଳି ଭୂସ୍ଖଳନ ଦ୍ୱାରା ଡ୍ରାଇଭରମାନେ ଭୟଭୀତ ହୋଇପଡ଼ିଛନ୍ତି। ପଥର ଓ ମାଟି ଅତଡ଼ା ନ ଖସିବାକୁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ତାର ଜାଲି ପାହାଡ଼ରେ ବିଛାଯାଇଥିଲା। ମାତ୍ର ସେ ସବୁ କମ୍ ଦିନରେ ଛିଣ୍ଡିଯାଉଥିବାରୁ ରାସ୍ତା ବିପଦପୂର୍ଣ୍ଣ ହୋଇପଡ଼ିଛି। ରାସ୍ତା ସମ୍ପ୍ରସାରଣ ସମୟରେ ପାହାଡ଼କୁ କଟାଯାଇଥିଲା। ଫଳରେ ବର୍ଷା ହେଲେ ହାଲୁକା ହୋଇଯାଇଥିବା ମୃତ୍ତିକା କ୍ଷୟ ହେଉଥିବାରୁ ଏହା ସହିତ ଗଛଲଟା, ପଥର ଖସୁଛି। ଏଣୁ ରାସ୍ତାକଡ଼ରେ ଥିବା କଂକ୍ରିଟ ଗାର୍ଡୱାଲକୁ ଅଧିକ ଉଚ୍ଚ ଓ ସୁଦୃଢ଼ କରିବା ସହ ଏହାର ସ୍ଥାୟୀ ସମାଧାନ କରିବାକୁ ଦାବି ହେଉଛି।

## ବନ୍ୟାପାଣିରେ ବୁଡ଼ି ଶିଶୁପୁତ୍ର ମୃତ

ହାଟଡିହୀ,୩।୮(ଶୁଭକାନ୍ତ ନାୟକ)

କେନ୍ଦୁଝର ଜିଲା ହାଟଡ଼ିହୀ ଅଞ୍ଚଳରେ ବନ୍ୟା ପାଣିରେ ବୁଡ଼ି ଜଣେ ଶିଶୁପୁତ୍ରଙ୍କ ମୃତ୍ୟୁ ଘଟିଛି। ମୃତକ ସୋସୋ ଥାନା ସଙ୍ଗମ ଗ୍ରାମ ନାଇକ ସାହିର ଗୋବିନ୍ଦ ନାଇକଙ୍କ ପୁଅ ସତ୍ୟଜିତ(୬ )। ସତ୍ୟଜିତ ସନ୍ଧ୍ୟା ସମୟରେ ନିକଟସ୍ଥ ନାଳକୁ ଶୌଚ ହେବାକୁ ଯାଇଥିଲେ। ନାଳରେ ବନ୍ୟା ପାଣି ପ୍ରବାହିତ ହେଉଥିବାରୁ ପ୍ରଖର ସ୍ରୋତରେ ଭାସି ଯାଇଥିଲେ। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ଉଦ୍ଧାର କରି ତାଙ୍କୁ ଆନନ୍ଦପୁର ଉପଖଣ୍ଡ ମେଡିକାଲରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ପହଞ୍ଚି ଶବ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି। ସତ୍ୟଜିତ୍ ସଙ୍ଗମ ସ୍କୁଲର ପ୍ରଥମରେ ପଢୁଥିଲେ।

## ଭାସିଗଲା ମାଛ ଯାଆଁଳ

### ଯାଆଁଳ ଉତ୍ପାଦନ କେନ୍ଦ୍ରରେ ପଶିଲା ବର୍ଷାପାଣି

କେନ୍ଦୁଝର,୩।୮(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ପୁରୁଣା ସହର ମତ୍ସ୍ୟଚାଷ ବିଭାଗର ଦିଗ୍‌ଧନ ମତ୍ସ୍ୟଗୁଣ୍ଡ ଯାଆଁଳ ଉତ୍ପାଦନ କେନ୍ଦ୍ର ପ୍ରବଳ ବର୍ଷା ଯୋଗୁ କ୍ଷତିଗ୍ରସ୍ତ ହୋଇଛି। ହଠାତ୍ ପାଣି ପଶିଯିବାରୁ ମୋଟ ୧୪ଟି ପୋଖରୀ ମଧ୍ୟରୁ ୫ ପୋଖରୀରୁ ମାଛ ଯାଆଁଳ ଭାସି ପଳାଇଛନ୍ତି। ପରିସରରେ କଂକିଟ୍ ରାସ୍ତା କିମ୍ବା ଡ୍ରେନେଜ ବ୍ୟବସ୍ଥା ନ ଥିବାରୁ ଏଭଳି ଅବସ୍ଥା ହୋଇଥିବା ଅଭିଯୋଗ ହୋଇଛି।

ଗତ ୨ ଦିନ ଧରି ଲଗାଣ ବର୍ଷାରେ ଯାଆଁଳ ଥିବା ୫ଟି ପୋଖରୀରେ ପାଣି ଭର୍ତ୍ତି ହୋଇ ଉବୁଟୁବୁ ହୋଇ ଫାର୍ମପଣ୍ଡ ନିକଟରେ ଥିବା ନାଳ ଦେଇ ପାଣି ନିଷ୍କାସନ ହୋଇଥିଲା। ଫଳରେ ବହୁ ଗୁଣ୍ଡ ଯାଆଁଳ ଭାସିଯାଇଥିଲା। ଦିଗ୍‌ଧନ ଯାଆଁଳ ଉତ୍ପାଦନ କେନ୍ଦ୍ରର କର୍ମଚାରୀ ବହୁ କଷ୍ଟରେ ପାଣି ନିଷ୍କାସନ ହେଉଥିବା ସ୍ଥାନରେ ମଶାରିରେ ଆବଦ୍ଧ କରିଥିଲେ। ତେବେ ଏ ନେଇ ଫାର୍ମ ମ୍ୟାନେଜର ଜିଲା ମତ୍ସ୍ୟ ଅଧିକାରୀଙ୍କୁ ଅବଗତ କରିଛନ୍ତି। ଚଳିତ ବର୍ଷ ଏହି ଯାଆଁଳ ଉତ୍ପାଦନ କେନ୍ଦ୍ରରେ ୪୦/୫୦ ଲକ୍ଷ ଗୁଣ୍ଡ ଯାଆଁଳ ଏବଂ ୫ ହଜାର ଯାଆଁଳ ଉପରୋକ୍ତ ୫ଟି ପୋଖରୀରେ ବିକ୍ରି ଉଦ୍ଦେଶ୍ୟରେ ଗଚ୍ଛିତ କରାଯାଇଥିଲା। ବିଶେଷକରି ରୋହି, ଭାକୁର, ମିରିକାଳି, ଚାଇନା କିସମର ଯାଆଁଳ ଏଠାରେ ରଖାଯାଇଛି। ଯାଆଁଳ କେନ୍ଦ୍ର ଉପରେ ସଦର, ବାଂଶପାଳ, ତେଲକୋଇ, ହରିଚନ୍ଦନପୁର ଏବଂ ଝୁମ୍ପୁରା ବ୍ଲକ୍‌ର ମତ୍ସ୍ୟ ଚାଷୀଙ୍କ ଚାହିଦା ପୂରଣ କରୁଥିବାବେଳେ ଜାଆଁଳ ଭାସି ଯାଇଥିବାରୁ ଚଳିତ ବର୍ଷ ଚାଷୀ ଏହାଦ୍ୱାରା ପ୍ରଭାବିତ ହେବାର ଆଶଙ୍କା ଦେଖାଦେଇଛି। ତିନୋଟି ପମ୍ପରେ ପାଣି ନିଷ୍କାସନ ଜାରି ରହିଛି। ଜିଲା ମତ୍ସ ଅଧିକାରୀ ଦେବବ୍ରତ ସାମଲ କହିଛନ୍ତି, ହଠାତ୍ ବର୍ଷା ହୋଇଯିବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଛି। ଜାଲ ଘେରାଯାଇଥିଲେ ହେଁ କେତେ କ୍ଷତି ହୋଇଛି ହିସାବ କଲେ ଜଣାପଡ଼ିବ। ଡ୍ରେନେଜ ବ୍ୟବସ୍ଥା ଅଛି। ତେବେ ପରିସରରେ କଂକ୍ରିଟ ରାସ୍ତା ଓ ଅନ୍ୟାନ୍ୟ କାମ ପାଇଁ ବିଭାଗକୁ ଲେଖାଯାଇଛି।

## ଘର ଉପରେ ଉପୁଡ଼ି ପଡ଼ିଲା ଗଛ

ବିଶୋଇ,୩।୮(ଅମିତ ଦାସ)

ବିଶୋଇ ବ୍ଲକ ଅଧୀନ ଅସନା ପଞ୍ଚାୟତର ଅର୍ଜୁନବିଲା ଗ୍ରାମର ବୁଢାନ କିସ୍କୁଙ୍କ ବାସଗୃହ ଉପରେ ଏକ ଗଛ ଉପୁଡ଼ି ପଡିଯାଇଥିବା ବେଳେ ପରିବାର ଲୋକେ ଅଳ୍ପକେ ବର୍ତ୍ତିଯାଇଛନ୍ତି। ସୂଚନା ଅନୁଯାୟୀ, ବିଶୋଇ ଅଞ୍ଚଳରେ ଗତ ୩ ଦିନ ଧରି ଲଗାଣ ବର୍ଷା ଓ ପବନ ଲାଗି ରହିଥିବା ବେଳେ ବୁଧବାର ଅପରାହ୍ନରେ ଏକ ଶାଳ ଗଛ ଉପୁଡ଼ି ବୁଢାନଙ୍କ ୨ ବଖରା ବିଶିଷ୍ଟ ମାଟି ଖପର ଘର ଉପରେ ପଡିଯାଇଥିଲା। ତେବେ ପରିବାର ଲୋକେ ସମସ୍ତେ ଚାଷ କାମ ପାଇଁ ନିକଟସ୍ଥ ବିଲକୁ ଯାଇଥିବା କାରଣରୁ ଅଳ୍ପକେ ରକ୍ଷା ପାଇ ଯାଇଥିଲେ। ଖବର ପାଇ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ଘଟଣାସ୍ଥଳକୁ ଯାଇ ଅନୁଧ୍ୟାନ କରିଛନ୍ତି। ଗୁରୁବାର ସକାଳେ ବିଶୋଇ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଘର ଉପରେ ପଡ଼ିଥିବା ଗଛ ହଟାଇଥିଲେ। କ୍ଷତିଗ୍ରସ୍ତ ବୁଢାନଙ୍କୁ ପ୍ରଶାସନ ପକ୍ଷରୁ ଯଥାଶୀଘ୍ର କ୍ଷତି ପୂରଣ ପ୍ରଦାନ ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ବହୁ ଲୋକଙ୍କ ଘରେ ପଶିଲା ପାଣି

### ବିପନ୍ନଙ୍କୁ ଦିଆଗଲା ରନ୍ଧାଖାଦ୍ୟ

ବନ୍ତ,୩।୮(ହରିନାରାୟଣ ମହାନ୍ତି)

ଲଘୁଚାପ ଜନିତ ବର୍ଷା ଓ ରେବ, କପାଳୀ ନଦୀରେ ବନ୍ୟା ଆସି ଭଦ୍ରକ ଜିଲା ବନ୍ତ ବ୍ଲକର ବହୁ ଗ୍ରାମର ଲୋକଙ୍କ ଘରେ ପାଣି ପଶିବା ସହିତ ପ୍ରବଳ ବର୍ଷାରେ ଘର ଭୁଶୁଡ଼ି ପଡ଼ିଥିବା ସୂଚନା ମିଳିଛି। ଶତାଧିକ ଏକର ଚାଷ ଜମି ଜଳମଗ୍ନ ହୋଇପଡ଼ିଛି। ପ୍ରଶାସନିକ ଅଧିକାରୀମାନେ ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିବା ସହିତ ବିପନ୍ନ ଲୋକଙ୍କୁ ଅସ୍ଥାୟୀ ଆଶ୍ରୟସ୍ଥଳୀରେ ରନ୍ଧାଖାଦ୍ୟ ଯୋଗାଇ ଦେଇଛନ୍ତି। ପ୍ରବଳ ବର୍ଷାରେ ରାମଚନ୍ଦ୍ରପୁର ଗ୍ରାମର ସୁବାଷ ଜେନାଙ୍କ ଘର ଭୁଶୁଡ଼ି ପଡ଼ିଛି। ସମସ୍ତ ପରିବାରବର୍ଗଙ୍କୁ ମିଶନଶକ୍ତି ଗୃହରେ ରଖାଯାଇ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଇଛି। ଟିଲୋ ପଞ୍ଚାୟତ ଶାଳକଣିଆ ସାହୁସାହି, ହରିଜନ ସାହିରେ ବର୍ଷା ଜଳ ନିଷ୍କାସନ ହୋଇ ନ ପାରି କିଛି ଲୋକଙ୍କ ଘରେ ପାଣି ପଶି ଯାଇଛି । ପୋଡାପାଟଣା ଜେନାସାହି, ତ୍ରିକୋଣା, ତରାପୁର, ତାଳପଦା, ଟିଁକିତୀରା, ବେଲମଳା, ଧୋବତଳିଆ ଗ୍ରାମରେ ପାଣି ପଶିଛି । ଦେବତାଗଡିଆ-ଜାଗୁଲାଇପଦା ଆର୍.ଡି ରାସ୍ତାର କଲଭର୍ଟ ପୋତି ହୋଇଯାଇଥିବାରୁ ଦେବତାଗଡିଆ ଗ୍ରାମର ଶଙ୍କର୍ଷଣ ଜେନାଙ୍କ ଘରେ ପାଣି ପଶି କାନ୍ଥ ପଡି ଯାଇଛି। ଟିଲୋ ସରପଞ୍ଚ ସଂଗ୍ରାମ କେଶରୀ ଜେନା ଓ ସାମାଜିକର୍ମୀ ଇଂ.ଲକି ମାଷ୍ଟର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଜେସିବି ମେଶିନ ସହାୟତାରେ ଦେବତାଗଡିଆ, ଧୋବାତଳିଆ ଓ ଟିଲୋ ହାଟସାହିରେ ଜଳ ନିଷ୍କାସନ ପାଇଁ ନାଳ କରାଯାଇଛି। ନିଲୋକ ପଞ୍ଚାୟତର ବେଗନା, ଭଣ୍ଡାରଗଡିଆ, ତାଳବାଙ୍କ, ଘରପଦା ଗ୍ରାମର ଶହ ଶହ ଏକର ଚାଷ ଜମି ଜଳମଗ୍ନ ହୋଇ ରହିଛି। ବଡବର୍ଚ୍ଛିକୟାଁ ପଞ୍ଚାୟତ ଆପ୍ତିରା ଷଡଙ୍ଗୀ ଜେନା ସାହିର ୫ ପରିବାରଙ୍କୁ ଆପ୍ତିରା ୟୁ.ଜି.ଏମ୍.ଇ. ସ୍କୁଲରେ ରଖା ଯାଇଛି । ବିଡିଓ ପ୍ରଦୀପ କୁମାର ସେଠୀ, ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡେଇ, ପିଇଓ ସଂଗୀତାରାଣୀ ପାଣିଗ୍ରାହୀଙ୍କ ସମେତ ସ୍ଥାନୀୟ ଜନପ୍ରତିନିଧି ଘଟଣାସ୍ଥଳ ପରିଦର୍ଶନ କରି ଆଶ୍ରୟସ୍ଥଳୀରେ ଥିବା ଲୋକ ମାନଙ୍କୁ ରନ୍ଧାଖାଦ୍ୟ ଦେବାର ବ୍ୟବସ୍ଥା କରିଛନ୍ତି।

## କାଂଶବାଂଶ ନଦୀରେ ଜଳସ୍ତର ବୃଦ୍ଧି

### ସିମୁଳିଆ-ଖଇରା ଯୋଗାଯୋଗ ବିଚ୍ଛିନ୍ନ

ସିମୁଳିଆ, ୩।୮(ସନ୍ତୋଷ କୁମାର ନାୟକ)

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକରେ ପ୍ରବାହିତ କାଂଶବାଂଶ ନଦୀରେ ଜଳସ୍ତର ବୃଦ୍ଧି ପାଇବାରୁ ଚଳିତବର୍ଷ ପ୍ରଥମ ବନ୍ୟା ଆସିଛି । ଫଳରେ ନଦୀ ଉପକୂଳବର୍ତ୍ତୀ ଅଞ୍ଚଳ ସମେତ ବିଭିନ୍ନ ଅଞ୍ଚଳରେ ବନ୍ୟାପାଣି ଜମି ରହିଛି । ଖଇରା ଓ କୁପାରୀ ଅଞ୍ଚଳ ପରି ଉପରମୁଣ୍ଡରୁ ଜଳ ନିଷ୍କାସନ ହେବା ଫଳରେ ତଳି ଅଞ୍ଚଳ ସିମୁଳିଆରେ ଜଳସ୍ତର ବୃଦ୍ଧି ପାଇଛି। ସିମୁଳିଆ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିଛନ୍ତି। ଅଡା ଦମକଳ ବାହିନୀ ପଣ୍ଟୁ, ଆନନ୍ଦପୁର, ନିଶୁନ୍ତା ଆଦି ବିଭିନ୍ନ ଅଞ୍ଚଳରୁ ଜଳବନ୍ଦୀରେ ଥିବା ଜନସାଧାରଣଙ୍କୁ ଉଦ୍ଧାର କରିଛି । ତହସିଲଦାର ବିଶ୍ୱନାଥ ବିଶ୍ୱାଳ ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିବା ସହିତ ସରପଞ୍ଚ ଓ ସମିତିସଭ୍ୟମାନଙ୍କ ସହାୟତାରେ ଚୁଡା, ଗୁଡ ପରି ଶୁଖିଲା ଖାଦ୍ୟ ବଣ୍ଟନ କରିଛନ୍ତି। ବିଭିନ୍ନ ବିଦ୍ୟାଳୟ ଓ ମନ୍ଦିରରେ ଜଳ ପ୍ରବେଶ କରିଛି। ବିଭିନ୍ନ ଅଞ୍ଚଳର ଛାତ୍ରୀଛାତ୍ର ଓଦା ହୋଇ ଗତ ବୁଧବାର ଓ ଗୁରୁବାର ବିଦ୍ୟାଳୟରେ ପହଞ୍ଚିବା ପରେ ପ୍ରଶାସନ ଛୁଟି ଘୋଷଣା କରିବା ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଆନନ୍ଦପୁର ନିକଟରେ ପାଣି ସୁଅ ଚାଲୁଥିବାରୁ ସିମୁଳିଆ-ଖଇରା ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। କାଂଶବାଂଶ ନଦୀର ଜଳସ୍ତର ବିପଦସଂକେତ ତଳେ ଅର୍ଥାତ ୮.୦୦୫ମି.ରେ ପ୍ରବାହିତ ହେଉଥିବାର ସୂଚନା ମିଳିଛି ।


ଜଳ ଘେରରେ ଥିବା କ୍ଷୀରକୋଣା ଅଞ୍ଚଳର ଦୁଇଟି ଘର ।

## ଲଗାଣ ବର୍ଷାରେ ଭାଙ୍ଗିଲା ଘର

### ଅଳ୍ପକେ ବର୍ତ୍ତିଲେ ପରିବାର

ଚମ୍ପୁଆ,୩।୮(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ୍ ଅନ୍ତର୍ଗତ ରଜିଆ ପଞ୍ଚାୟତର ପତଳା ଗ୍ରାମରେ ବୁଧବାର ରାତିରେ ଲଗାଣ ବର୍ଷରେ ପରିବାର ଲୋକ ଶୋଇଥିବା ଅବସ୍ଥାରେ ଘରର କାନ୍ଥ ଭୁଷୁଡ଼ି ପଡ଼ିଥିଲା। ଏଥିରେ ପରିବାର ଲୋକ ଅଳ୍ପକେ ବର୍ତ୍ତିଯାଇଛନ୍ତି। ସୂଚନା ଅନୁଯାୟୀ, ପତଳା ଗ୍ରାମର ନରହରି ପାତ୍ର ପରିବାର ସହ ଘରେ ଶୋଇଥିଲେ। ବର୍ଷାରେ ମାଟି କାନ୍ଥ ଓଦା ହୋଇ ବାହାର ଆଡ଼କୁ ସମ୍ପୂର୍ଣ୍ଣ ଭାବରେ ଢଳିପଡ଼ିଥିଲା। ସୌଭାଗ୍ୟ ବସତଃ ଘର ଲୋକମାନେ ଭିତର ଆଡ଼କୁ ଶୋଇଥିବା ବେଳେ ଅଳ୍ପକେ ବର୍ତ୍ତିଯାଇଥିଲେ। ଏ ନେଇ ନରହରି ରଜିଆ ସରପଞ୍ଚ ସନ୍ତୋଷ କୁମାର ନାୟଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ ଘଟଣା ସ୍ଥଳକୁ ଯାଇ ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। ତୁରନ୍ତ ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେବା ସହ ପଲିଥିନ ଯୋଗାଇ ଦେଇଥିଲେ।

